RNI No.ODIODI/2010/33031
୧୭ ବର୍ଷ | Volume- 17
ISSUE -15 | ସଂଖ୍ୟା-୧୫
ଭୁବନେଶ୍ୱର, ଶୁକ୍ରବାର ୨୦ ମାର୍ଚ୍ଚ ୨୦୨୬
Bhubaneswar, Friday 20 March, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN

# ମନ୍ଥନ

www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ଗ୍ୟାସ୍ କେନ୍ଦ୍ର ଉପରେ ଆକ୍ରମଣ

ନୂଆଦିଲ୍ଲୀ, ୧୯।୩: ଇରାନ ଏବଂ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଏବେ ତୈଳ ଓ ଗ୍ୟାସ୍ କେନ୍ଦ୍ରଗୁଡ଼ିକ ଲକ୍ଷ୍ୟସ୍ଥଳ ପାଲଟିଛି। ବୁଧବାର ଦିନ ଇସ୍ରାଏଲ୍ ଇରାନର 'ସାଉଥ୍ ପାର୍ସ' ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ କରିଥିଲା, ଯାହାର ପ୍ରତିଶୋଧ ନେବାକୁ ଯାଇ ଇରାନ କତାର, ୟୁଏଇ ଏବଂ ସୌଦି ଆରବର ଶକ୍ତି କେନ୍ଦ୍ରଗୁଡ଼ିକ ଉପରେ ଷ୍ଟ୍ରାଇକ୍ କରିଛି। ଏହି ଲଢେଇରେ ସମଗ୍ର ଆରବ କ୍ଷେତ୍ର ଜଳୁଛି ଏବଂ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଏହି ନିଆଁ କେବେ ଏବଂ କିପରି ଲିଭିବ, ତାହା କେହି ଜାଣନ୍ତି ନାହିଁ।

ଇରାନ ନିଜର ପାଲଟା ଆକ୍ରମଣରେ କତାରର 'ରାସ ଲଫାନ୍ ଇଣ୍ଡଷ୍ଟ୍ରିଆଲ୍ ସିଟି'କୁ ଟାର୍ଗେଟ୍ କରିଛି, ଯାହା ବିଶ୍ୱର ସବୁଠାରୁ ବଡ଼ ଖଘଏ ରପ୍ତାନି ପ୍ଲାଣ୍ଟ। ଏଠାରୁ ହେଉଥିବା ରପ୍ତାନି ସମଗ୍ର ବିଶ୍ୱର ଖଘଏ ବାଣିଜ୍ୟର ପ୍ରାୟ ୨୦% ଅଟେ, ଯାହା ମୁଖ୍ୟତଃ ଏସିଆ ଏବଂ ୟୁରୋପକୁ ଯୋଗାଇ ଦିଆଯାଏ।

ୟୁଏଇ ର ଗ୍ୟାସ୍ କାର୍ଯ୍ୟକଳାପ ମଧ୍ୟ ପ୍ରଭାବିତ ହୋଇଛି। 'ହବଶାନ' ଗ୍ୟାସ୍ ପ୍ରୋସେସିଂ ପ୍ଲାଣ୍ଟ ନିଜର କାମ ବନ୍ଦ କରିଦେଇଛି। ଏହା ୟୁଏଇ ଗ୍ୟାସ୍ ନେଟୱାର୍କର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର। ସେହିପରି ସୌଦି ଆରବ କହିଛି ଯେ ତା'ର ପୂର୍ବ ଅଞ୍ଚଳରେ ଥିବା ଏକ ଗ୍ୟାସ୍ ପ୍ଲାଣ୍ଟକୁ ଟାର୍ଗେଟ୍ କରାଯାଇଛି ଏବଂ ବାଲିଷ୍ଟିକ୍ ମିସାଇଲର ଖଣ୍ଡଗୁଡ଼ିକ ରିୟାଦ ନିକଟସ୍ଥ ଏକ ରିଫାଇନାରୀ ପାଖରେ ପଡ଼ିଛି। ବିଶ୍ୱର ପ୍ରାୟ ୨୫% ଗ୍ୟାସ୍ ସଂରକ୍ଷଣ ଏବଂ ୨୦% ତୈଳ ପ୍ରବାହ ଏହି ପ୍ରଭାବିତ ଅଞ୍ଚଳ ସହିତ ଜଡ଼ିତ।ଭାରତରେ ପାଇପ୍ ଯୋଗେ ଆସୁଥିବା ଗ୍ୟାସ୍ ଘରୋଇ ଉତ୍ପାଦନ ଏବଂ ଆମଦାନୀର ଏକ ମିଶ୍ରଣ। ଭାରତର PNG (Piped Natural Gas) ଯୋଗାଣର ପ୍ରାୟ ଅଧା ଅଂଶ ONGC ଏବଂ ରିଲାଏନ୍ସ ଭଳି କମ୍ପାନୀଙ୍କ ଦ୍ୱାରା ଘରୋଇ ଭାବେ ଉତ୍ପାଦିତ ହୁଏ। ବାକି ଆବଶ୍ୟକତା LNG ଆମଦାନୀ ଦ୍ୱାରା ପୂରଣ ହୋଇଥାଏ।

ବିଶେଷଜ୍ଞଙ୍କ ମତରେ, ପାଇପ୍ ଗ୍ୟାସ୍ ବ୍ୟବହାର କରୁଥିବା ଘର ଏବଂ ଗାଡ଼ିଗୁଡ଼ିକ (CNG) ପାଇଁ କୌଣସି ବଡ଼ ଧରଣର ବାଧା ସୃଷ୍ଟି ହେବାର ସମ୍ଭାବନା ନାହିଁ, କାରଣ ସରକାର ଏହି ଦୁଇ କ୍ଷେତ୍ରକୁ ପ୍ରାଥମିକତା ଦେଇଛନ୍ତି।

ତେବେ, ଭାରତ ବିଶ୍ୱର ବଡ ଏଲଏନଜି କ୍ରେତା ଏବଂ ଏହାର ଏକ ବଡ଼ ଅଂଶ କେବଳ କତାରରୁ ଆସିଥାଏ। ଭାରତର ଅଧାରୁ ଅଧିକ LNG ଆମଦାନୀ କତାର ସହିତ ହୋଇଥିବା ଦୀର୍ଘକାଳୀନ ଚୁକ୍ତି ଉପରେ ନିର୍ଭରଶୀଳ। ଏହାଛଡ଼ା ଭାରତର ୫୦ ରୁ ୫୫ ପ୍ରତିଶତ ଖଘଏ ଆମଦାନୀ 'ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍' ଦେଇ ଆସିଥାଏ, ଯାହାକୁ ଇରାନ ବନ୍ଦ କରି ରଖିଛି। ଯଦିଓ ଇରାନ ଭାରତୀୟ ଜାହାଜଗୁଡ଼ିକୁ ଯିବାକୁ ଅନୁମତି ଦେଇଛି, କିନ୍ତୁ ଅଶୋଧିତ ତୈଳ ଭଳି ଭାରତ ପାଖରେ ଖଘଏ ର କୌଣସି ରଣନୈତିକ ଭଣ୍ଡାର ନାହିଁ। ଫେବୃଆରୀ ୨୦୨୪ରେ, ଭାରତର 'ପେଟ୍ରୋନେଟ୍ ଖଘଏ' କତାର ଏନର୍ଜି ସହିତ ବାର୍ଷିକ ୭.୫ ନିୟୁତ ଟନ୍ ଖଘଏ ଆମଦାନୀ ପାଇଁ ୨୦ ବର୍ଷର ଚୁକ୍ତିକୁ ନବୀକରଣ କରିଥିଲା, ଯାହାର ମୂଲ୍ୟ ପ୍ରାୟ ୭୮ ବିଲିୟନ ଆମେରିକୀୟ ଡଲାର। ଗତ ବର୍ଷର ତଥ୍ୟ ଅନୁସାରେ, କତାର ଏବଂ ୟୁଏଇ ପରେ ଆମେରିକା ଭାରତର ତୃତୀୟ ବୃହତ୍ତମ ଖଘଏ ଯୋଗାଣକାରୀ ଦେଶ ଥିଲା।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ରାୟଗଡା ଡିଭିଜନ ନିରୀକ୍ଷଣ



ଭୁବନେଶ୍ୱର, ୧୯।୩(ନି.ପ୍ର.):ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ, ଶ୍ରୀ ପରମେଶ୍ୱର ଫୁଙ୍କୱାଲ, ରାୟଗଡ଼ା ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଅମିତାଭ ସିଂଘଲଙ୍କ ସହିତ ରାୟଗଡା ଡିଭିଜନର ଏକ ବିସ୍ତୃତ ଯାଞ୍ଚ କରିଥିଲେ।ଏହି ନୀରିକ୍ଷଣ ସମୟରେ ରାୟଗଡ଼ାରେ ଚାଲିଥିବା ଭିତ୍ତିଭୂମି ବିକାଶ ମୂଳକ କାର୍ଯ୍ୟ, ସୁରକ୍ଷା ପଦକ୍ଷେପ ଏବଂ ରେଳ କାର୍ଯ୍ୟାଳୟ ଗୁଡିକର କାର୍ଯ୍ୟକାରିତା ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ରାୟଗଡା-ସିଙ୍ଗାପୁର ରୋଡ-ଥେରୁଭାଲି ସେକ୍ସନକୁ ଅନ୍ତର୍ଭୁକ୍ତ କରାଯାଇଥିଲା।

ପରିଦର୍ଶନ ସମୟରେ, ଶ୍ରୀ ଫୁଙ୍କୱାଲ ସିଙ୍ଗାପୁର ରୋଡ୍-ଥେରୁଭାଲି ଷ୍ଟ୍ରେଚ୍, ଷ୍ଟେସନ ୟାର୍ଡ ଏବଂ ତୃତୀୟ ଲାଇନ କାର୍ଯ୍ୟ ଗୁଡିକର ଏକ ବିସ୍ତୃତ ଯାଞ୍ଚ କରିଥିଲେ। ସେ ଟ୍ରାକ୍ ସ୍ଥିତି, ସିଗନାଲିଂ ସିଷ୍ଟମ, ସେତୁ ଏବଂ କାର୍ଯ୍ୟକାରୀ ହେଉଥିବା ଅନ୍ୟାନ୍ୟ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଦିଗଗୁଡ଼ିକର ସମୀକ୍ଷା କରିଥିଲେ।

ମହାପ୍ରବନ୍ଧକ ରାୟଗଡା ରେଳ ଷ୍ଟେସନକୁ ମଧ୍ୟ ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ଯାତ୍ରୀ ସୁବିଧା ଗୁଡିକର ମୂଲ୍ୟାଙ୍କନ କରିବା ସହିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଏଥିରେ ରେଳ କାର୍ଯ୍ୟାଳୟ ଭିତ୍ତିଭୂମି, ଅସ୍ଥାୟୀ ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଏବଂ ନୂତନ ଭାବେ ନିର୍ମିତ ହେଉଥିବା ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଭବନର ନିର୍ମାଣ ଅନ୍ତର୍ଭୁକ୍ତ ଥିଲା।

ରେଳ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଶ୍ରୀ ଫୁଙ୍କୱାଲ ସୁରକ୍ଷା ମାନଦଣ୍ଡକୁ କଡାକଡି ଭାବେ ପାଳନ କରିବା ସହିତ ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ ସମାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଏହି ସେକ୍ସନରେ ଭିତ୍ତିଭୂମି କାର୍ଯ୍ୟର ସାମଗ୍ରିକ ଅଗ୍ରଗତିର ମଧ୍ୟ ସମୀକ୍ଷା କରିଥିଲେ। ଏହି ନୀରିକ୍ଷଣ ସମୟରେ ଆର. ଭି. ଏନ୍. ଏଲ୍. ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ଡିଭିଜନର ଅନ୍ୟ ବରିଷ୍ଠ ରେଳ ଅଧିକାରୀମାନେ ସାମିଲ ଥିଲେ।

# ଓଡ଼ିଶା ମାଟି ତଳେ ଧନର ଭଣ୍ଡାର

ଭୁବନେଶ୍ୱର: ଓଡ଼ିଶାର ମାଟି ପୁଣିଥରେ ନିଜର ଗୁପ୍ତ ଧନକୁ ଖୋଲିଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହୀରା, ମାଣିକ୍ୟ ଓ ସୁନା ଭଳି ମୂଲ୍ୟବାନ ଖଣିଜ ମିଳିବା ଖବର ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି। ବିଧାନସଭାରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ କହିବା ଅନୁଯାୟୀ, ନୂଆପଡା ଜିଲ୍ଲାର କଳମିଦାଦର ଅଞ୍ଚଳରେ ହୀରା ପଥର ଚିହ୍ନଟ ହୋଇଛି। ବର୍ତ୍ତମାନ ଏହାର ବୈଷୟିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମୂଲ୍ୟାୟନ କାର୍ଯ୍ୟ ଚାଲୁଅଛି।



ଏହାସହ କଳାହାଣ୍ଡି ଜିଲ୍ଲାର ହିଞ୍ଜିଲିବାହାଲ-ଜିଲିଙ୍ଗିବାର ଅଞ୍ଚଳରୁ ମାଣିକ୍ୟ ମିଳିଥିବା ଖବର ଆସିଛି। ଯଦିଓ ରାଜ୍ୟରେ ମୁକ୍ତା ଖଣି ଥିବା ଏବେ ସୁଦ୍ଧା କୌଣସି ପ୍ରମାଣ ମିଳିନାହିଁ। ମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଖଣିଜ ଭଣ୍ଡାର ଏଠିରେ ସେମିତି ସୀମିତ ନୁହେଁ। ଦେବଗଡ଼ର ରେମାଳ ଅଞ୍ଚଳରେ ତାମ୍ବା, ଗ୍ରାଫାଇଟ୍, ନିକେଲ୍ ଓ ସୁନାର ସମ୍ଭାବନା ଦେଖାଯାଇଛି। ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କିଛି ଅଞ୍ଚଳରେ ମଧ୍ୟ ସୁନା ଓ ତାମ୍ବା ଧାରଣ କରୁଥିବା ପଥର ମିଳିଛି। ବଂଶପାଳ ବ୍ଲକର ଗୋପୁର-ଜଳାଡିହି ଅଞ୍ଚଳରେ ସୁନା ଧାରଣ ପଥରର ଚିହ୍ନଟ ହୋଇଛି। ଏହା ମାଟି ତଳର ଗୁପ୍ତ ସମ୍ପଦର ଏକ ମୂଲ୍ୟବାନ ଉଦାହରଣ।

ଏହି ନୂଆ ଆବିଷ୍କାର ଓଡ଼ିଶାକୁ ଦେଶର ଖଣିଜ ମାନଚିତ୍ରରେ ଆଉ ଶକ୍ତିଶାଳୀ କରିବା ସହ ଭବିଷ୍ୟତରେ ରୋଜଗାର ଓ ଶିଳ୍ପ ଉନ୍ନତିର ଦ୍ୱାର ଖୋଲିପାରେ। ଏହାଦ୍ୱାରା ରାଜ୍ୟରେ ଆର୍ଥିକ ଶକ୍ତି, ରୋଜଗାର ଓ ଶିଳ୍ପ ଉନ୍ନତି ହେବ। ମାଟି ତଳର ଗୁପ୍ତ ଧନ ଓଡ଼ିଶାକୁ ସୁନାରେ ପରିଣତ କରିବା ଆଶା ଆଣିଛି।

# ବିକ୍ଷୋଭକାରୀ ପାଚିକାଙ୍କୁ ଭେଟିଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର: ଆଜି ରାଜଧାନୀ ରାଜରାସ୍ତାରେ ହଜାର ହଜାର ପାଚିକା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିଧାନସଭା ସମ୍ମୁଖରେ ମହିଳାମାନେ ଅହୋରାତ୍ର ଧାରଣାରେ ବସିଛନ୍ତି । ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପକ୍ଷରୁ ଏହି ଧାରଣା ଦିଆଯାଇଛି । ବକେୟା ଥିବା ତିନି ମାସର ଦରମା, ଦରମା ବୃଦ୍ଧି, ନିଯୁକ୍ତି ପତ୍ର ପ୍ରଦାନ, ସମାନ କାମକୁ ସମାନ ଦରମା, ଅବସର ବୟସ ସୀମା ୬୨କୁ ବୃଦ୍ଧି, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ପ୍ରତି ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ ଓ ବିଗତ ସରକାର ଘୋଷଣା କରିଥିବା ମୃତ୍ୟୁ କାଳୀନ ସହାୟତା ୧ ଲକ୍ଷ ଟଙ୍କା ଦେବାକୁ ଦାବି କରିଛନ୍ତି । ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ପାଚିକା ସଂଘ ସହିତ ଆଲୋଚନା କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ବାବୁ ସିଂ ଆନ୍ଦୋଳନକାରୀ ପାଚିକାଙ୍କୁ ଭେଟିଛନ୍ତି । ସମାନ ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି ।



# ନିବେଶକ ହରାଇଲେ ୧୪ ଲକ୍ଷ କୋଟି

ନୂଆଦିଲ୍ଲୀ : ଭାରତୀୟ ଷ୍ଟକ ବଜାର ଉପରେ ମଧ୍ୟପ୍ରାଚ୍ୟ ଯୁଦ୍ଧର ସାଂଘାତିକ ପ୍ରଭାବ। ଶକ୍ତି ପ୍ରତିଷ୍ଠାନ ଉପରେ ଇସ୍ରାଏଲ ଓ ଇରାନ ହମଲା କରୁଥିବାରୁ ଏହାର ପ୍ରଭାବ ଭାରତୀୟ ଷ୍ଟକ ମାର୍କେଟ ଉପରେ ପଡିଛି। ଯୁଦ୍ଧର ସ୍ଥିତି ଭୟଙ୍କର ହେଉଥିବା ବେଳେ ଆଜି ସେନସେକ୍ସ ରେକର୍ଡ ୨୫୦୦ ପଏଣ୍ଟ ହ୍ରାଓ ପାଇଛି। ତୈଳ ଦର ବୃଦ୍ଧି ଓ ଏଚ୍‌ଡିଏଫସି ବ୍ୟାଙ୍କକୁ ନେଇ ନିବେଶକ ଚିନ୍ତା ପ୍ରକଟ କରିବାରୁ ସ୍ଥିତି ଜଟିଳ ହୋଇଛି।

ଆଜି ସେନସେକ୍ସ ୨୪୯୬.୮୯ ପଏଣ୍ଟ ବା ୩.୨୬% ହ୍ରାସ ପାଇ ୭୪,୨୦୭.୨୪ରେ ବନ୍ଦ ହୋଇଛି। ସେହିପରି ନିଫ୍ଟୀ ୭୭୫.୬୫ ପଏଣ୍ଟ ଖସି ୨୩,୦୦୨.୧୫ରେ ପହଞ୍ଚି ଯାଇଛି। ବିଭିନ୍ନ କ୍ଷେତ୍ରକୁ ନେଇ ନିବେଶକଙ୍କ ମଧ୍ୟ ଆଶଙ୍କା ପ୍ରକାଶ



ପାଇଥିବା ଏହି ଚିତ୍ର ବୟାନ କରୁଛି।

ଇରାନ-ଆମେରିକା ଯୁଦ୍ଧ ଆରମ୍ଭ ହେବା ଦିନ ଠାରୁ କେବେ ହେଲେ ଏପରି ସ୍ଥିତି ଦେଖିବାକୁ ମିଳି ନଥିଲା। ଗଲା ୩ ଦିନ ଧରି ନିବେଶକମାନେ ବେଶ ଭଲ ପ୍ରଦର୍ଶନ ମଧ୍ୟ କରିଥିଲେ। ହେଲେ ଆଜି ଷ୍ଟକ ମାର୍କେଟ କ୍ରାଶ ହେବାରୁ ନିବେଶକମାନେ ୧୪ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି। ମାର୍କେଟ ପ୍ରାୟ ୩% ହ୍ରାସ ପାଇଥିବାରୁ ନିବେଶକଙ୍କୁ ଏତେ ବଡ କ୍ଷତି ସହିବାକୁ ପଡିଛି।

ମାର୍କେଟ ସ୍ଥିତି ହ୍ରାସ ପାଇବା ପଛରେ ଉଭୟ ବିଶ୍ୱ ଓ ଘରୋଇ ସ୍ଥିତି ପ୍ରମୁଖ କାରଣ ସାଜିଛି। ଏହି ଦୁଇ କାରଣ ବଜାରକୁ ପ୍ରଭାବିତ କରିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଭୀଷଣ ହେବାରୁ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୧୫ ଡଲାରରେ ପହଞ୍ଚି ଯାଇଛି। ଏସବୁ ଭିତରେ ଏଚ୍‌ଡିଏଫସି ବ୍ୟାଙ୍କରେ ଘଟିଥିବା ଘଟଣା ନିବେଶକଙ୍କ ଆଶଙ୍କା ବାଇ ଦେଇଛି। ଆମେରିକା ଫେଡରାଲ ରିଜର୍ଭ ବ୍ୟାଙ୍କ ସୁଧ ହ୍ରାସର ସମ୍ଭାବନା ସୀମିତ ବୋଲି କହିବା ପରେ ନିବେଶକମାନେ ଛାନିଆ ହୋଇଛନ୍ତି।

ତେବେ ହଠାତ ଅଶୋଧିତ ତୈଳ ଦାମ ବିବା ମାର୍କେଟ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇଛି। ଭାରତ ଆବଶ୍ୟକ କରୁଥିବା ତୈଳରୁ ଅଧିକାଂଶ ଆମଦାନୀ ସୂତ୍ରରୁ ପାଇଥାଏ। ତେଣୁ ଅଶୋଧିତ ତୈଳ ଦାମ ବିବା ଦେଶର ଚିନ୍ତାକୁ ଦୁଇ ଗୁଣ କରିଛି। ଅଧିକ ଦାମରେ ତେଲ କିଣାବ ଅର୍ଥ ଦେଶରେ ମୁଦ୍ରାସ୍ଫୀତି ଦେଖାଯିବ, ଟଙ୍କାର ମୂଲ୍ୟ ଦୁର୍ବଳ ହେବ ଓ କର୍ପୋରେଟ ମାର୍ଜିନକୁ ମଧ୍ୟ ପ୍ରଭାବିତ କରିବ। ଏସବୁର ଚାପ ସବୁ କ୍ଷେତ୍ରରେ ଦେଖା ଯାଇଛି। ବୁଧବାର ଇସ୍ରାଏଲ ସେନା ଇରାନର ପ୍ରମୁଖ ଏଲଏନଜି ଠିକଣାରେ ଷ୍ଟ୍ରାଇକ କରିବାରୁ ମଧ୍ୟପ୍ରାଚ୍ୟର ଯୁଦ୍ଧ ଭୟଙ୍କର ରୂପ ନେଇଛି। ଏପରି ହମଲା ଯୁଦ୍ଧକୁ ଆହୁରି ଅଧିକ ତୀବ୍ର କରିବ। ଏଥିଯୋଗୁ ତେଲ ଦାମ ଆହୁରି ବିବ ବୋଲି ନିବେଶକମାନେ ଚିନ୍ତା କରୁଛନ୍ତି। ବ୍ୟାଙ୍କିଙ୍ଗ କ୍ଷେତ୍ରର ଷ୍ଟକ ମଧ୍ୟ ହ୍ରାସ ପାଇଛି। ଏହା ପଛରେ ରହିଛି ଏଚ୍‌ଡିଏଫସି। ଏଚ୍‌ଡିଏଫସିର ପାର୍ଟ ଟାଇମ ଅଧ୍ୟକ୍ଷ ଅତନୁ ଚକ୍ରବର୍ତ୍ତୀ ଇସ୍ତଫା ଦେବା ପରେ ବ୍ୟାଙ୍କର ଷ୍ଟକ ୫% ହ୍ରାସ ପାଇ ୮୦୦ ଟଙ୍କାରେ ପହଞ୍ଚି ଯାଇଛି। ବ୍ୟାଙ୍କରେ ଘଟୁଥିବା କିଛି ଘଟଣା ତାଙ୍କ ବ୍ୟକ୍ତିଗତ ମୂଲ୍ୟବୋଧକୁ ପ୍ରଭାବିତ କରିଥିବାରୁ ସେ ଇସ୍ତଫା ଦେଇଥିବା କହିଛନ୍ତି। ଏଚ୍‌ଡିଏଫସି ବ୍ୟାଙ୍କ ବ୍ୟତୀତ ଆକ୍ସିସ, ଆଇସିଆଇସିଆଇ ଓ ଷ୍ଟେଟ ବ୍ୟାଙ୍କର ମୂଲ୍ୟ ମଧ୍ୟ ହ୍ରାସ ପାଇଛି।

# ଜଙ୍ଗଲରେ ମିଳିଲା ଛାତ୍ରୀଙ୍କ ମୃତଦେହ

## ପରୀକ୍ଷା ଦେଇ ଫେରିଲେନି, ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ

ଢେଙ୍କାନାଳ, ୧୯।୩: ଯୁକ୍ତ ଦୁଇ ପଢୁଥିବା ଜଣେ ଛାତ୍ରୀଙ୍କ ମୃତଦେହ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର ହୋଇଛି।ଗତକାଲି ସେ କଲେଜକୁ ଯାଇଥିଲେ ପରୀକ୍ଷା ଦେବାକୁ ସାଧାରଣ ଦିନ ଭଳି ଲାଗୁଥିଲା ସବୁକିଛି। କିନ୍ତୁ କେହି ଭାବିନଥିଲେ, ସେହି ଦିନଟା ତାଙ୍କ ଜୀବନର ଶେଷ ଦିନ ହେବ।ଯୁକ୍ତ-୨ ଛାତ୍ରୀ ଜଣକ ପରୀକ୍ଷା ସାରି ଆଉ ଘରକୁ ଫେରିନଥିଲେ। ସନ୍ଧ୍ୟା ଯାଇ ରାତି ହେଲା ପରିବାର ଲୋକ ଚିନ୍ତାରେ ପଡ଼ି ଚାରିଦିଗରେ ଖୋଜାଖୋଜି ଆରମ୍ଭ କଲେ। କିନ୍ତୁ ସକାଳେ ସେମାଙ୍କୁ ଆସିଲା ଏକ ଭୟଙ୍କର ଖବର। କାମାକ୍ଷାନଗର ନିକଟସ୍ଥ ଜଙ୍ଗଲରେ ତାଙ୍କ ମୃତଦେହ ମିଳିଛି। ରାତିରେ



ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଆଜି ସକାଳୁ ନାବାଳିକାଙ୍କ ମୃତଦେହ ଜଙ୍ଗଲ ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ପରିସ୍ଥିତି ଦେଖି ସନ୍ଦେହ କରାଯାଉଛି ଯେ ଏହା କେବଳ ଏକ ମୃତ୍ୟୁ ନୁହେଁ, ବରଂ ଦୁଷ୍କର୍ମ ପରେ ହତ୍ୟା ହୋଇ ଥାଇପାରେ। ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ ଆରମ୍ଭ କରିଛି। ସତ୍ୟ କଣ, କିଏ ଏହା ପଛରେ ସେଥିପାଇଁ ପୋଲିସ ଚେଷ୍ଟା ଚଳାଇଛି।

## ଡାହୁକ



ଆଜି କହୁଛନ୍ତି ଖରାପ ଖରାପ
ଭଲ କହୁଥିଲେ କାଲି
ଯାହା ଯେତେ ଦଳ ଦେଇଚି କ୍ଷମତା
ସାବୁତକ ଗଲେ ଭୁଲି
କଂଗ୍ରେସକୁ ମାରି ଗୁଲି
ଅନ୍ୟ ଦଳ ଯାଇ ହେଇଚି ନା କିଏ
ହେବ ପୂର୍ବ ପରି ନାଲି

-ବିଧୁ

# ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଛି : ସୁବାସିନୀ

ଭୁବନେଶ୍ୱର, ୧୯।୩ : ରାଜ୍ୟସଭା ନିର୍ବାଚନରେ ଦଳ ବିରୋଧରେ ଯାଇ କ୍ରସ୍ ଭୋଟିଂ କରିଥିବା ବିଧାୟିକା ସୁବାସିନୀ ଜେନା କହିଛନ୍ତି ମୁଁ ଆମ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଭୋଟ ଦେଇଛି। ମୁଁ ଗୋଟିଏ ଭୋଟ ସଂତୃପ୍ତ ମିଶ୍ରଙ୍କୁ ଓ ଦ୍ୱିତୀୟ ଭୋଟଟି ଦିଲ୍ଲୀପ ରାୟଙ୍କୁ ଦେଇଛି।

# ୬ ବର୍ଷରେ ୧୮ ହଜାର ଯୁବକଙ୍କ ହୃଦଘାତ ମୃତ୍ୟୁ

ଭୁବନେଶ୍ୱର, ୧୯।୩(ନି.ପ୍ର.): ଆଜିର ଯୁବପିଢ଼ି କେତେ ସୁରକ୍ଷିତ ଏ ପ୍ରଶ୍ନ ଆଜି ସଭିଙ୍କ ମନରେ ଏଥିପାଇଁ ଉଙ୍କି ମାରୁଛି କାରଣ ୨୦, ୩୦ କିମ୍ବା ୪୦ ବର୍ଷିଟ ଏହି ବୟସ୍‌ରେ ଜୀବନ ଆରମ୍ଭ ହେବାକୁ ଥାଏ, କିନ୍ତୁ ହରିୟାଣାରୁ ଆସିଥିବା ତଥ୍ୟ କହୁଛି ଏହି ବୟସ୍‌ରେ ଅଧିକାଂଶ ଲୋକଙ୍କ ହୃଦୟ ଥମିଯାଉଛି। ରାଜ୍ୟରେ ହୃଦଘାତରେ ମୃତ୍ୟୁ ସଂଖ୍ୟା ସମ୍ପର୍କରେ ଏହି ଆଶ୍ଚର୍ଯ୍ୟଜନକ ତଥ୍ୟ ଏବେ ସାମ୍ନାକୁ ଆସିଛି। ଏହି ସମୟ ମଧ୍ୟରେ ୧୮ରୁ ୪୫ ବର୍ଷ ବୟସର ପ୍ରାୟ ୧୮ ହଜାର ଲୋକ ହୃଦଘାତରେ ଜୀବନ ହରାଇଛନ୍ତି। ଏହି ତଥ୍ୟ ବିଧାନସଭାରେ ସରକାରଙ୍କ ଲିଖିତ ଉତ୍ତରରୁ ସାମ୍ନାକୁ ଆସିଛି, ଯାହା ଏବେ ଚିନ୍ତାର କାରଣ ହୋଇପଡ଼ିଛି। ଗୃହରେ କଂଗ୍ରେସ ବିଧାୟକଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସରକାର ଏହି ସୂଚନା ପ୍ରଦାନ କରିଛନ୍ତି।

କଂଗ୍ରେସ ବିଧାୟକ ପଚାରିଥିଲେ ଯେ ୨୦୨୦ ପରଠାରୁ ହରିୟାଣାରେ ୧୮-୪୫ ବର୍ଷ ବୟସର କେତେ ଯୁବକ ହୃଦଘାତ/ହୃଦଘାତରେ ମୃତ୍ୟୁବରଣ କରିଛନ୍ତି।



ପ୍ରତିବର୍ଷ ଜିଲ୍ଲାସ୍ତରୀୟ ମୃତ୍ୟୁ ସଂଖ୍ୟା କେତେ ଏହା ବ୍ୟତୀତ, ସରକାର କ'ଣ କୌଣସି ଅଧ୍ୟୟନ କିମ୍ବା ସର୍ଭେ କରିଛନ୍ତି ଯାହା ଦ୍ୱାରା ଏହି ମୃତ୍ୟୁଗୁଡ଼ିକ କୋଭିଡ-୧୯ ସଂକ୍ରମଣ କିମ୍ବା କୋଭିଡ-୧୯ ଟୀକାକରଣ ସହିତ ଜଡିତ କି ନାହିଁ ତାହା ନିର୍ଣ୍ଣୟ କରାଯାଇପାରିବ ଯଦି ହଁ, ତେବେ ସେହି ସର୍ଭେର ଫଳାଫଳ କ'ଣ ଏବଂ ସରକାର ଏ ସମ୍ପର୍କରେ କ'ଣ ପଦକ୍ଷେପ ନେଇଛନ୍ତି

ବର୍ଷ ଅନୁସାରେ ଭୟଙ୍କର ଚିତ୍ର: ସରକାର କହିଛନ୍ତି ଯେ, ଜିଲ୍ଲାଗୁଡ଼ିକରୁ ମିଳିଥିବା ସୂଚନା ଆଧାରରେ, ୨୦୨୦ରେ ୨,୩୯୪ , ୨୦୨୧ ରେ ୩,୧୮୮; ୨୦୨୨ ରେ ୨,୭୯୬ , ୨୦୨୩ ରେ ୨,୮୮୬ , ୨୦୨୪ ରେ ୩,୦୬୩୨୦୨୫ ରେ ୩,୨୫୫ ଏବଂ ୨୦୨୬ ଜାନୁଆରୀରେ ୩୯୧ ଜଣଙ୍କ ମୃତ୍ୟୁ ରିପୋର୍ଟ କରାଯାଇଥିଲା।

ତେବେ ବିଗତ ୬ ବର୍ଷ ମଧ୍ୟରେ ରାଜ୍ୟରେ ମୋଟ ୧୭,୯୭୩କୁ ମୃତ୍ୟୁ ହୋଇଥିବା ରିପୋର୍ଟ ରହିଛି। ପ୍ରତିବର୍ଷ ମୃତ୍ୟୁ ସଂଖ୍ୟା ହ୍ରାସ ପାଉନି ବରଂ ଧୀରେ ଧୀରେ ବଢୁଛି। ୨୦୨୦ରେ ଯେଉଁଠି ସଂଖ୍ୟା ୨,୩୯୪ ଥିଲା, ୨୦୨୫ରେ ଏହା ୩,୨୫୫କୁ ପହଁଚିଗଲା।

ପ୍ରତ୍ୟେକ ଜିଲ୍ଲା ପାଇଁ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ଜାନୁଆରୀ ୨୦୨୦ ରୁ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ, ଯମୁନାନଗର ଜିଲ୍ଲାରେ ପ୍ରତିବର୍ଷ ଏପରି ମୃତ୍ୟୁ ସଂଖ୍ୟା ୩୮୭, ୪୬୨, ୩୭୫, ୩୭୮, ୪୧୦ ଏବଂ ୩୮୯ ଥିଲା। ତୁଳନାରେ, ରୋହତକ ଜିଲ୍ଲାର ସଂଖ୍ୟା ବହୁତ କମ୍ ଥିଲା: ୩୩, ୪୧, ୪୦, ୨୭, ୩୦ ଏବଂ ୩୦। ଗୁରୁଗ୍ରାମ ପାଇଁ, ସଂଖ୍ୟା ୧୧୩, ୧୦୫, ୧୧୬, ୧୧୪, ୯୩ ଏବଂ ୮୩ ଥିଲା।ଯମୁନାନଗରରେ ମୃତ୍ୟୁ ସଂଖ୍ୟା ସବୁଠାରୁ ଅଧିକ। ଗୁରୁଗ୍ରାମ ମଧ୍ୟ ପଛରେ ନୁହେଁ। ତୁଳନାରେ ରୋହତକରେ ସଂଖ୍ୟା କମ୍, କିନ୍ତୁ ଚିନ୍ତା ଏକେଇ।ମୃତ୍ୟୁ ସଂଖ୍ୟା ଏତେ ଅଧିକ ଥିଲେ ମଧ୍ୟ, ସ୍ୱାସ୍ଥ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ସରକାର ଏହି ମୃତ୍ୟୁଗୁଡ଼ିକ ଉଙଠଓଉ-୧୯ ସଂକ୍ରମଣ କିମ୍ବା ପରବର୍ତ୍ତୀ ଟୀକାକରଣ ଅଭିଯାନ ସହିତ ଜଡିତ କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ କୌଣସି ସର୍ଭେ କରିନାହାଁନ୍ତି। ବର୍ତ୍ତମାନ, ଯୁବପିଢ଼ିଙ୍କ ମଧ୍ୟରେ ମହାମାରୀ ଏବଂ ହୃଦ୍ ସମସ୍ୟା (ହୃଦୟ ବିଫଳତା) ମଧ୍ୟରେ ବୃଦ୍ଧି ସମ୍ପର୍କରେ କୌଣସି ସରକାରୀ ତଥ୍ୟ କିମ୍ବା ନିର୍ଦ୍ଦିଷ୍ଟ ସରକାରୀ ପଦକ୍ଷେପ ନାହିଁ।

# ଏସ୍‌ଆଇଆର୍ କାର୍ଯ୍ୟରେ ଅବହେଳା ପାଇଁ ଶିକ୍ଷୟିତ୍ରୀ ନିଲମ୍ବିତ

ଭୁବନେଶ୍ୱର: ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ହୋଇଥିବା ସହକାରୀ ଶିକ୍ଷୟିତ୍ରୀ ନିଲମ୍ବିତ । ଦାୟିତ୍ୱରେ ଅବହେଳା ପାଇଁ ଚନ୍ଦ୍ରଶେଖରପୁର ଫେଜ୍-୨ ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ରଶ୍ମୀ ସାହୁଙ୍କୁ ନିଲମ୍ବିତ କରିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା । ଏସ୍‌ଆଇଆର୍ ସମୟରେ ରଶ୍ମୀ ସାହୁଙ୍କୁ ବୁଥ୍ ସ୍ତରୀୟ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିଲା । କିନ୍ତୁ କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗ ଆସିବା ପରେ ଯାଞ୍ଚ କରି ଜିଲ୍ଲା ନିର୍ବାଚନ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଜନ ପ୍ରତିନିଧିତ୍ୱ ଆଇନ ୧୯୫୦ ଧାରା ୩୨ (୧) ଆଧାରରେ ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି ।

# ବିଧାନସଭାରେ ବଡ଼ ମେଡିକାଲ ଅଗ୍ନିକାଣ୍ଡ ତାତି

ଭୁବନେଶ୍ୱର ୧୯/୦୩: ବିଧାନସଭାରେ ଏସ୍ସିବି ଟ୍ରମା କେୟାର ଆଇସିୟୁ ଅଗ୍ନିକାଣ୍ଡ ତାତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହକୁ ଅଚଳ କଲେ ବିରୋଧୀ। ତିନି ଦିନ ହେଲାଣି ପ୍ରଶ୍ନକାଳରେ ଆଲୋଚନା ବେଳେ ବିରୋଧୀଙ୍କ ହଙ୍ଗାମା ଯୋଗୁ ଚାଲିପାରୁନି ଗୃହ। ଏହାରି ଭିତରେ ଗୃହକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ ବାଚସ୍ପତି ସୁରମା ପାଢ଼ୀ। ହେଲେ ବାଚସ୍ପତିଙ୍କ ସମସ୍ତ ଆଲୋଚନା ବିଫଳ ହୋଇଛି। ସର୍ବଦଳୀୟ ବେ ?ଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଇସ୍ତଫା ଦାବି ଜିଦରେ ଅଟଳ ହୋଇଥିଲେ ଉଭୟ ବିଜେଡି ଓ କଂଗ୍ରେସ ବିଧାୟକ । ଫଳରେ ବେ ?ଠକରେ କେ ?ଣସି ନିଷ୍କର୍ଷ ବାହାରିପାରିନାହିଁ। ସକାଳ ୧୦ଟା ୩୦ରେ ପ୍ରଶ୍ନକାଳ ଆରମ୍ଭ ହୋଇଥିଲା। ଆରମ୍ଭରୁ ଗୃହରେ ଦେଖାଦେଇଥିଲା ଏସ୍ସବିତାତି। ବିରୋଧୀ ବିଜେଡ଼ି ଓ କଂଗ୍ରେସର ବିଧାୟକଙ୍କ ନାରାବାଜିରେ କମ୍ପିଥିଲା ଗୃହ। ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦାବି ଓ ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ହଙ୍ଗାମା କରିଥିଲେ ବିରୋଧୀ। ମାତ୍ର ୧୨ ମିନିଟ୍ ଚାଲିଥିଲା। ଗୃହକୁ ପ୍ରଥମେ ସାଢେ ୧୧ଟା ପରେ ୧ଟା ଯାଏ ଗୃହ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି ସୁରମା ପାଢ଼ୀ।



# ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

**ପିପିଲି,୧୯ ।୩:(ମନ୍ଥନ)** ପିପିଲି ବ୍ଲକ ଅନ୍ତର୍ଗତ ହାଟସାହି ପଞ୍ଚାୟତ ପୋଡ଼ାଗୁଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଦାଶ ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ସରୋଜ କୁମାର ରାଉତ, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଯୋଗଦେଇ ତାଙ୍କ ବକ୍ତବ୍ୟ ରେ ମୋବାଇଲ ର ଉପକାରିତା ଏବଂ ଅପକାରିତା ଉପରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇବା ସହ ସାଇବର ଠକେଇ ରୁ କିପରି ଦୂରେଇ ରହିବେ ସେଥିପାଇଁ ପରାମର୍ଶ ଦେଇଥିଲେ ।



ଅନ୍ୟତମ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ରାଜକିଶୋର ସ୍ୱାଇଁ, ଆଇନଜୀବୀ ନିଶିକାନ୍ତ ମିଶ୍ର, ସମାଜସେବୀ ନାରାୟଣ ସ୍ୱାଇଁ, ଅକ୍ଷୟ ପ୍ରଧାନ, ଲଛମନ ପ୍ରଧାନ, ସରପଞ୍ଚ ଗଣେଶ ବେହେରା, ପୁରାତନ ଛାତ୍ର ସନ୍ତୋଷ ସେନାପତି, ଅବସର ପ୍ରାପ୍ତ ସେନା ଅଧିକାରୀ ଦେବବ୍ରତ ମଙ୍ଗରାଜ,ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶରତ ଚନ୍ଦ୍ର ଚଉଁରୀ, ସାହେବ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ସି ଆର ସି ସି ଜସ୍ମିତା ମିଶ୍ର ବିବରଣୀ ପାଠ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ସ୍କୁଲ ର ପ୍ରଥମ ବ୍ୟାଚ ର ଛାତ୍ର ତଥା ବର୍ତମାନ ର ବରିଷ୍ଠ ନାଗରିକ ଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ରେ ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଏବଂ ଟ୍ରଫି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ରାଜ୍ୟସ୍ତରୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

**ବାଲେଶ୍ୱର,୧୯ ।୩:(ମନ୍ଥନ)**ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସହଯୋଗରେ ବାଲେଶ୍ୱର ସହରର ଇନଷ୍ଟିଚ୍ୟୁଟ ଅଫ ନେଚର କେୟାର ଏଣ୍ଡ ଯୋଗିକ ସାଇନ୍ସ ପରିଚାଳିତ 'ହେଲଦି ଲାଇଫ୍' ଯୋଗ ମହାବିଦ୍ୟାଳୟ ଆନୁକୁଲ୍ୟରେ ମାର୍ଚ୍ଚ ୧୪ ତାରିଖରୁ ୩ ଦିନ ବ୍ୟାପୀ ଚାଲିଥିବା ବିଶ୍ୱବିଦ୍ୟାଳୟସ୍ତରୀୟ ଜାତୀୟ ସେବା ଯୋଜନା (ଏସଏସଏସ) ସ୍ୱେଚ୍ଛାସେବୀଙ୍କ ପାଇଁ ଆବାସିକ ଯୋଗ ଓ ପ୍ରାକୃତିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ମୟୁରଭଞ୍ଜର ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ରମାଦେବୀ ବିଶ୍ୱବିଦ୍ୟାଳୟ, କେଉଁଝର ଧରଣୀଧର ବିଶ୍ୱବିଦ୍ୟାଳୟ, ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟ, କଟକ ରେଭେନସା ବିଶ୍ୱବିଦ୍ୟାଳୟ ପ୍ରଭୃତିକୁ ମିଶାଇ ମୋଟ ୧୦ଟି ବିଶ୍ୱବିଦ୍ୟାଳୟର ୨ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ କାର୍ଯ୍ୟକ୍ରମ ଅଧିକାରୀ ଏହି ଶବିରରେ ଅଂଶଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ବାଲେଶ୍ୱର ଟାଉନଥାନା ଅଧିକାରୀ ବିଜୟ କୁମାର ଦାସ, ବିଶିଷ୍ଟ ସାହିତ୍ୟିକ କବି ପ୍ରଶାନ୍ତ ଦାସ, ଦୈନିକ ଖବର କାଗଜ ଧ୍ୱନୀ ପ୍ରତିଧ୍ୱନୀର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା, ଜାତୀୟ ସେବା ଯୋଜନାର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ରାଖାଲ ଚନ୍ଦ୍ର ଘଡାଇ, ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଗୌରାଙ୍ଗ ପଣ୍ଡା ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇ ସୁସ୍ଥ ଓ ନିରାୟମ ଜୀବନ ଯାପନରେ ଯୋଗ ଓ ପ୍ରାକୃତିକ ଚିକିତ୍ସାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ଏ ଦିଗରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦ୍ୱାରା ନିରୋଗ ସମାଜ ଗଠନରେ ସହାୟକ ହୋଇପାରିବେ । ତେବେ ଯୋଗ ଓ ପ୍ରାକୃତିକ ଚିକିତ୍ସାର ପ୍ରଚାର ପ୍ରସାର ଦିଗରେ ହେଲଦି ଲାଇଫ ମହାବିଦ୍ୟାଳୟର ଅଗ୍ରଣୀ ଭୂମିକା ବାସ୍ତବିକ ପ୍ରଶଂସନୀୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଓ ଶିବିରାର୍ଥୀ ଶିବିରରେ ସେମାନଙ୍କ ଅନୁଭୂତି ଓ ଅଭିଜ୍ଞତା ସମ୍ପର୍କରେ ମତ ରଖିଥିଲେ । ହେଲଦି ଲାଇଫର ପ୍ରତିଷ୍ଠାତା ତଥା ଏନଏସଏସ ପ୍ରୋଗ୍ରାମ ଅଫିସର ଡାକ୍ତର ଚିତରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାମ୍ପ୍ରତିକ ସ୍ଥିତିରେ ବିଭିନ୍ନ ରୋଗର ପ୍ରତିକାର ପାଇଁ ପ୍ରାକୃତିକ ଚିକିତ୍ସା ଅବଲମ୍ବନ ଉପରେ ଗୁରୁତ୍ୱାରୋପ କରିଥିଲେ । ହେଲଦୀ ଲାଇଫ ଯୋଗ ମହାବିଦ୍ୟାଳୟର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ଏଥିରେ ପୌରହିତ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଯୋଗ ଓ ପ୍ରାକୃତିକ ଚକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଉଚ୍ଚଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏହି ଶିବିର ମାଧ୍ୟମରେ ନିଶ୍ଚିତ ସଫଳ ହୋଇଥିବ ବୋଲି ଶ୍ରୀମତୀ ଦାସ ଆଶା ପ୍ରକାଶ କରିଥିଲେ । ଏହି ତିନି ଦିନିଆ ଶିବିରରେ ଆନ୍ତର୍ଜାତିକ ନେଚରପାଥି ଅର୍ଗାନାଇଜେସନର ଓଡିଶା ସଭାପତି ଡାକ୍ତର ସୁଭାଷ ଚନ୍ଦ୍ର ଷଡଙ୍ଗୀ, କୋଲକତାରୁ କବି ତଥା ବରିଷ୍ଠ ଯୋଗ ପ୍ରଶିକ୍ଷକ ସନାତନ ମହାକୁଡ, ବିଶିଷ୍ଟ ଯୋଗ ଓ ଆୟୁର୍ବେଦ ଚିକିତ୍ସକ ଡାକ୍ତର ଭଗବାନ ଭୂୟାଁ ପ୍ରମୁଖ ରିସୋର୍ସପର୍ସନ ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶିବିରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଯୋଗାସନ ଓ ସାଂସ୍କୃତିକ ପ୍ରତିଯୋଗିତା ସହିତ ଏକ ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଡକ୍ଟର ରିତୁଲତା ବିଶ୍ୱାଳ, ବିଶ୍ୱଜିତ ନାୟକ, କିରଣ କୁମାର ସାହୁ, ଶିଶିର ସାହୁ, ହରିଶଙ୍କର ପାଣିଗ୍ରାହୀ, ଅମ୍ବୁଜାଲୋଚନ ଦାସ, ପ୍ରତାପ କିଶୋର ବେହେରା, କିରଣବାଳା ସେଠୀ, ଅଜୟ କୁମାର ଦାସ, ଡକ୍ଟର ଲକ୍ଷ୍ମୀକାନ୍ତ ରଥ, ହିମାଂଶୁ ସାହୁ, ସ୍ମିତା ବାରିକ, ମାନସ ପଣ୍ଡା, ପ୍ରଦୀପ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଅଧିକାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ । ଅଧ୍ୟାପିକା ଅନୀତା ମିଶ୍ର ଓ କାନ୍ତିକ୍ରିଷ୍ଣା ଦାଶଙ୍କ ସହ ହେଲଦି ଲାଇଫର ଛାତ୍ରଛାତ୍ରୀମାନେ ଏଥିରେ ସହଯୋଗ କରିଥିଲେ । ଅଧ୍ୟାପକ ଅଭିଷେକ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ମୁନିଦା ବନମାଳିଙ୍କ ଘରୁ ଚୋରୀ ନେଇ ଥାନାରେ ଅଭିଯୋଗ

**ଡେଲାଙ୍ଗ,୧୯ ।୩:(ମନ୍ଥନ)**ଡେଲାଙ୍ଗ ଥାନା ଅନ୍ତର୍ଗତ ମୁନିଦା ଗ୍ରାମ ବନମାଳୀ ବରାଳଙ୍କ ଘରୁ ବିଳମ୍ବିତ ରାତିରେ କେହି ଦୃବୃର୍ତ୍ତ ଘର ତାଲା ଭାଙ୍ଗି ଚୋରୀ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ କୁ ଭିତିକରି ଡେଲାଙ୍ଗ ଥାନାରେ ଏସଂକ୍ରାନ୍ତରେ ୭୬୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ପୋଲିସ ଠାରୁ ସୁଚନା ମିଳିଛି । ତେବେ ଡେଲାଙ୍ଗ ଥାନା ଅଂଚଳରେ ରାତିକୁ ରାତି ଏବେ ଚୋରୀ ବଢିବାରେ ଲାଗିଛି । ଦୁଇଦିନ ତଳେ ପୁରୁଣା ଡେଲାଙ୍ଗ ଗ୍ରାମରୁ ସୁନା ଅଳଙ୍କାର ସମେତ ଟଙ୍କା ଲୁଟ କରି ଦୃବୃର୍ତ୍ତ ଫେରାର ହେବା ଘଟଣା ଲୋକଙ୍କ ମନରୁ ନଲିଭିଣୁ ମୁନିଦା ଗ୍ରାମରେ ବନମାଳି ଙ୍କ ଘରୁ ଚୋରୀ ହେବା ଘଟଣା ଦୃବୃର୍ତ୍ତି ମାନେ ପୋଲିସ କୁ ଏକ ପ୍ରକାର ଚାଲେଞ୍ଜ ଦେଇ ଚାଲିଛନ୍ତି । ଅନ୍ୟପଟେ ଗୋଟେ ପରେ ଗୋଟେ ଚୋରୀ କରି ସଫଳ ହେଉଥିବା ଘଟଣା ଏବେ ଡେଲାଙ୍ଗ ଅଂଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି । ପ୍ରାପ୍ତ ସୁଚନାମୁତାବକ ମୁନିଦା ଗ୍ରାମର ବନମାଳିଙ୍କ ଘର ତାଲା ଭାଙ୍ଗି କେହି ଦୃବୃର୍ତ ଘରୁ ସବୁ ଚୋରୀ କରି ନେଇ ଫେରାର ହୋଇଯାଇଥିବା ବନମାଳି ସକାଳୁ ଉଠି ଦେଖିଥିଲେ । ଘର ତାଲା ଭଙ୍ଗା ଯିବା ସହ ଟ୍ରଙ୍କ ଭିତରୁ ଝରା ଦୁଇ ହଳ, ସୁନା ଚେନ ୧ଭରି, କଂସା,ଡାଳ ସମେତ ଅନ୍ୟାନ୍ୟ ଜିନିଷ ପତ୍ର ଚୋରୀ କରି ଅଭିଯୁକ୍ତ ମାନେ ଖସି ପଳାଇ ଯାଇଛନ୍ତି । ଏନେଇ ଡେଲାଙ୍ଗ ଥାନାରେ ବନମାଳି ବରାଳ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ କୁ ଭିତିକରି ଡେଲାଙ୍ଗ ଥାନାରେ ଏକ କେସ ରୁଜୁ କରାଯାଇ ତଦନ୍ତ ଚାଲୁଥିବା ନେଇ ପୋଲିସ ଠାରୁ ସୁଚନା ମିଳିଛି ।

# ଦୀନକୃଷ୍ଣ ମହାବିଦ୍ୟାଳୟରେ ମହିଳା ସଶକ୍ତିକରଣ ପାଠଚକ୍ର ଓ ବିଦାୟୀ କାଳୀନ ସଭା

**ଜଳେଶ୍ୱର,୧୯ ।୩:(ମନ୍ଥନ)**ଜଳେଶ୍ୱର ବ୍ଲକର ସୁଗୋ ପଞ୍ଚାୟତସ୍ଥିତ ଧାନ ସିମୁଳିଆ ଠାରେ ଥିବା ଦୀନକୃଷ୍ଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ ମହିଳା ସଶକ୍ତିକରଣ ପାଠ ଚକ୍ର ଓ ବିଦାୟୀ କାଳୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମହାବିଦ୍ୟାଳୟ ଅଧକ୍ଷ ସୁକାନ୍ତ କୁମାର ଦାସ ଅଧକ୍ଷତା କରି ସମାଜରେ ନାରୀ ମାନଙ୍କ ଅତୁଳନୀୟ ଭୂମିକା ଓ ବିଦାୟୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବିଷୟରେ ବକ୍ତବ୍ୟ ରଖିଥିଲେ ।



ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗର ମୁଖ୍ୟ ଡଃ ମାନସ ଦାଶ, ମୁଖ୍ୟ ଅତିଥି ଭାବେ ଡ. ହିମାଂଶୁ କୁମାର ସାମଲ ଯୋଗଦେଇ ନାରୀ ମାନଙ୍କ ଅବଦାନ ଓ ବିଭିନ୍ନ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଲୁଖି ଟୁଡୁ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭାଗର ଅଧ୍ୟାପକ ରତିକାନ୍ତ ମିଶ୍ର +୩ ଶିକ୍ଷାର୍ଥୀ ମାନଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ବିଦାୟକାଳୀନ ଅଭିଭାଷଣ ରଖିଥିଲେ । ଅଧ୍ୟାପକ ସାଗର ମୁର୍ମୁ ବିଦାୟୀ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ମନାସି ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଳିସାହିରେ ଦଶଦୋଳ ମହୋତ୍ସବ ଉଦଯାପିତ

**ଖଣ୍ଡପଡ଼ା, ୧୯ ।୩:(ମନ୍ଥନ)**ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତ ଅଧିନ ଯାତ୍ରା ପଡିଆରେ ଆୟୋଜିତ ପ୍ରସିଦ୍ଧ ଦଶଦୋଳ ମହୋତ୍ସବ ଉଦଯାପିତ ହୋଇଯାଇଛି । ଆଜି ଅନ୍ତିମ ସନ୍ଧ୍ୟାରେ ଦଶଦୋଳ ମହୋତ୍ସବ କମିଟିର ସଭାପତି ବାପିନା କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥୀ ଭାବରେ ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ରେଞ୍ଜର ଦିଲ୍ଲୀପ ପଟ୍ଟନାୟକ, କଟକ ସାଂସଦଙ୍କ ନୟାଗଡ଼ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ସ୍ଥାନୀୟ ସରପଞ୍ଚ ଫକୀର ମୋହନ ଦାସ, ଉପସ୍ଥିତ ରହିବା ସହିତ ମହୋତ୍ସବ ଭାଇଚାରା ବଢ଼ାଏ ବୋଲି ମତବ୍ୟକ୍ତ କରିଥିଲେ । ଅପରାହ୍ନରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ଓ ଛୋଟ ଛୋଟ ପିଲା ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା ।ସନ୍ଧ୍ୟାରେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ ହୋଇଥିବା ବେଳେ ବିଳମ୍ବିତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସୁଜ୍ଞାନୀ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ୪ ଦିନ ବ୍ୟାପି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଧୀରେନ ଗଣ୍ଡିଆ, ଉପଦେଷ୍ଟା ସୁଦର୍ଶନ ସାହୁ, ଶରତ କୁମାର ସାହୁ, ଉପସଭାପତି ଫକୀର ମୋହନ ସାହୁ, ଦୀପକ କୁମାର ସାହୁ, ବିରଞ୍ଚି ନାରାୟଣ ମିଶ୍ର, ଶୁଭମ ପୃଷ୍ଟି, ରବିନାରାୟଣ ମିଶ୍ର, ପ୍ରଦୀପ୍ତ କୁମାର ସାହୁ, ଦୁଷ୍ମନ୍ତ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।




# ରାୟଗଡ଼ ପୌରପରିଷଦ ପକ୍ଷରୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଚେତନତା ଅଭିଯାନ ଅନୁଷ୍ଠିତ

**ରାୟଗଡ଼,୧୯ ।୩:(ମନ୍ଥନ)**ଆଜି ରାୟଗଡ଼ ପୌରପରିଷଦ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ସହରରେ ଏକ ବ୍ୟାପକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ସ୍ଥାନୀୟ ଜ୍ୟୋତି ମହଲ ଛକ ଠାରୁ ଆରମ୍ଭ ହୋଇ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କପିଳାସ ଛକ ଠାରେ ଶେଷ ହୋଇଥିଲା । ପର୍ଯ୍ୟାୟ କ୍ରମେ ରାୟଗଡ଼ ସହରର ସମସ୍ତ ୱାର୍ଡ ଏବଂ ଛକ ମାନଙ୍କରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ । ଅଭିଯାନ ସମୟରେ ବିଭିନ୍ନ ଘର ଏବଂ ଦୋକାନୀମାନଙ୍କୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ (ଥରେ ବ୍ୟବହୃତ ପ୍ଲାଷ୍ଟିକ) ର ଅପକାରିତା ଏବଂ ଏହାର ନିଷେଧାଦେଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଲିଫଲେଟ୍ ବଣ୍ଟନ କରାଯାଇଥିଲା ଏବଂ ସରକାରଙ୍କ ଦ୍ୱାରା ନିଷିଦ୍ଧ ହୋଇଥିବା ପ୍ଲାଷ୍ଟିକ ପଲିଥିନ, ପ୍ଲାଷ୍ଟିକ ପତାକା, ଚକୋଲେଟ୍ ଷ୍ଟିକ୍, ପ୍ଲାଷ୍ଟିକ ପ୍ଲେଟ୍, କପ୍, ଗ୍ଲାସ୍, ଚାମଚ, ଷ୍ଟ ଏବଂ ଟ୍ରେ ଆଦି ବ୍ୟବହାର ନକରିବାକୁ ଅନୁରୋଧ କରାଯାଇଥିଲାୟ ଏହି ସଚେତନତା ଶୋଭାଯାତ୍ରାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ପରିଚାଳକ, ରାୟଗଡ଼ା ପୌରପରିଷଦର ପୌରାଧକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ, ସମ୍ପୃକ୍ତ ୱାର୍ଡ କାଉନସିଲର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, କନିଷ୍ଠ ପରିମଳ ଯନ୍ତ୍ରୀ , ପରିମଳ ନିରୀକ୍ଷକ ଏବଂ ପୌରପରିଷଦର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ରାୟଗଡ଼ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କୁଳଦିପ କୁମାର ସାଧାରଣ ଜନତାଙ୍କୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବର୍ଜନ କରିବାକୁ ଅନୁରୋଧ କରିଥିଲେ । ସେହିପରି ପୌରାଧକ୍ଷ ଶ୍ରୀ ପି ମହେଶ ପଟନାୟକ ସମସ୍ତ ଗୃହମାଲିକ ଓ ବ୍ୟବସାୟୀମାନଙ୍କୁ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ଗଚ୍ଛିତ ନରଖିବା ପାଇଁ ସତର୍କ କରାଇବା ସହିତ ଏହାର ଅବମାନନା କାଳେ ଆଇନ ଅନୁଯାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ସହରକୁ ସ୍ୱଚ୍ଛ ଏବଂ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସହଯୋଗ କାମନା କରାଯାଇଛି ।



# ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା,୧୯ ।୩:(ମନ୍ଥନ)**କେନ୍ଦ୍ରାପଡା ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସପ୍ତମ ବାର୍ଷିକ ଉତ୍ସବ ମାଧପୁରସ୍ଥିତ ଅମରଉଦ୍ୟାନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର.ଆୟର ଯୋଗଦେଇ କହିଲେ ବରିଷ୍ଠ ନାଗରିକମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯାଉଛି ଓ ଆଗକୁ ମଧ କରାଯିବ। ଏହି ଅବସରରେ ଜିଲ୍ଲାପାଳ ଆସନ୍ତା ଅପ୍ରେଲମାସରୁ ଆରମ୍ଭ ହେବାକୁ ଯାଉଥିବା ଜନଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ସଠିକ ତଥ୍ୟ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଫଳରେ ଦେଶର ଯୋଜନା ପ୍ରସ୍ତୁତ କ୍ଷେତ୍ରରେ ଏହା ସହାୟକ ହୋଇପାରିବ। ଏଥିସହିତ ଆସନ୍ତା ଫେବୃୟାରୀମାସରୁ ଆରମ୍ଭ ହେବାକୁ ଯାଉଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରେ ବୁଥ ଲେଭଲ ଅଧିକାରୀମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେବା ସହ ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଯୋଗ ଓ ପ୍ରାଣାୟମ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଙ୍ଘର ମହାସଚିବ ଡକ୍ଟର ଯୁଗଳ କିଶୋର ସାହୁ ଯୋଗଦେଇ କହିଲେ ବରିଷ୍ଠ ନାଗରିକମାନେ କର୍ମତତ୍ପର ରହିଲେ ସୁସ୍ଥ ଭାବରେ ବଞ୍ଚିପାରିବେ। ଜଣେ ବରିଷ୍ଠ ନାଗରିକଙ୍କ ପ୍ରତି ସମାଜର ମଧ କର୍ତ୍ତବ୍ୟ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୌରାଧକ୍ଷା ସରିତା ସାହୁ କହିଲେ ବରିଷ୍ଠ ନାଗରିକମାନଙ୍କ ପାଇଁ ନସଡିପୁର ଠାରେ ଏକ ଗୋଷ୍ଠୀକେନ୍ଦ୍ର ଓ ପାଠାଗାର ନିର୍ମାଣ ହେବାକୁ ଯାଉଛି ଆସନ୍ତା ବର୍ଷ ସେହି ଗୃହରେ ବରିଷ୍ଠ ନାଗରିକ ମଞ୍ଚ ବାର୍ଷିକ ଉତ୍ସବ ପାଳନ କରିବ। ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଏସପି ସୁଧାକର ସାହୁ ସାଇବର ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ହାଇଟେକ ମେଡିକାଲ କଲେଜର ହୃଦ୍‌ରୋଗ ବିଶେଷଜ୍ଞ ଡା. ରିତେଶ ଆଚାର୍ଯ୍ୟ ଯୋଗଦେଇ ରକ୍ତଚାପ, ମଧୁମେହ, ହୃଦରୋଗ ପ୍ରଭୃତି ରୋଗର କାରଣ ଓ ପ୍ରତିକାର ସମ୍ପର୍କରେ ପରାମର୍ଶ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ବରିଷ୍ଠ ନାଗରିକମାନଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ମଞ୍ଚର ସାଧାରଣ ସମ୍ପାଦକ ନରୋତ୍ତମ ଜେନା ସମ୍ପାଦକୀୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚର ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ, କାର୍ଯ୍ୟକାରୀ ସଭାପତି ଫକୀର ଚରଣ ଖଟୁଆ ସ୍ୱାଗତ ଭାଷଣ ଓ ଉପସଭାପତି ସୟଦ ଅକମଲ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ,ଡା. ଶରତ ଚନ୍ଦ୍ର ସ୍ୱାଇ, ଡିସିବି ବ୍ୟାଙ୍କର ମୁକ୍ତିକାନ୍ତ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା.ନିରଞ୍ଜନ ପରିଡା, ମହାକାଳପଡା ବିକାଶ ମଞ୍ଚର ସଭାପତି କାଶିନାଥ ରାଉତରାୟ,ବୈଷ୍ଣବ ପ୍ରଧାନ, ମନୋଜ କୁମାର ମହାନ୍ତି, ନୃସିଂହ ଚରଣ ତ୍ରିପାଠୀ, ପରମାନନ୍ଦ ସେଠୀ ପ୍ରମୁଖ ଶତାଧିକ ମଞ୍ଚର ସଦସ୍ୟମାନେ ଉପସ୍ଥିତ ଥିଲେ।



## ସୋଲାର ପ୍ରକଳ୍ପ ପାଇଁ ସରକାରୀ ଜମି ହଡପ ଘଟଣା

# ଆନ୍ଦୋଳନକୁ ଓହ୍ଲାଇବେ ପଞ୍ଚାୟତ ବାସିନ୍ଦା

**ଖଣ୍ଡପଡ଼ା,୧୯ ।୩:(ମନ୍ଥନ)**ଖଣ୍ଡପଡ଼ା ବ୍ଲକ ସିଙ୍ଘାପଡ଼ା ପଞ୍ଚାୟତରେ ସୋଲାର ପ୍ରକଳ୍ପ ତିଆରି ଆଳରେ ଏକ ଘରୋଇ ସଂସ୍ଥା ଓ ଏହାର ମାଲିକ ସରକାରୀ ଜମି ଜବରଦଖଲ କରିଥିବା ଅଭିଯୋଗ ହୋଇଥିଲା । ଘଟଣାକୁ ଇତି ମଧ୍ୟରେ ଦୁଇମାସରୁ ଉର୍ଦ୍ଧ୍ୱ ସମୟ ବିତିଲାଣି । ତେବେ ଆଜି ପର୍ଯ୍ୟନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିବା ବେଳେ ଏବେ ଆନ୍ଦୋଳନକୁ ଓହ୍ଲାଇବା ନିମନ୍ତେ ଚେତାବନୀ ଦେଇଛନ୍ତି । କିଛି ମାସ ତଳେ ବିଦ୍ୟୁତ ଖୁଣ୍ଟ ପୋତିବା ଆଳରେ ଶତାଧିକ ମିଟର କେନାଲ ନଷ୍ଟ ହୋଇଥିବା ନେଇ ମା' ସୁନେଇ ରୂପେଇ ପାଣି ପଞ୍ଚାୟତ ସଙ୍ଗିନ ଅଭିଯୋଗ ଆଣିଥିଲା । ଏପରିକି କେନାଲ ନଷ୍ଟ ନେଇ କ୍ଷୁଦ୍ର ଜଳସେଚନ ବିଭାଗ ଏବଂ ପ୍ରକଳ୍ପ କରୁଥିବା ଘରୋଇ ସଂସ୍ଥାର ଲୋକେ ମୁହାଁମୁହିଁ ହୋଇଥିଲେ । ତେବେ ଖାଲି କ୍ଷୁଦ୍ର ଜଳସେଚନ ବିଭାଗ କେନାଲ ନୁହେଁ ସିଙ୍ଘାପଡ଼ା ପଞ୍ଚାୟତରେ ଥିବା ଏକାଧିକ ମୌଜାର ଏକର ଏକର ଜମିକୁ ବେଆଇନ ଭାବେ ଜବରଦଖଲ କରିଛି ଘରୋଇ ସଂସ୍ଥାୟ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ ଭୁବନେଶ୍ୱର ଅଞ୍ଚଳର ପ୍ରଦୀପ କୁମାର ପଣ୍ଡା, ଦେବଯାନୀ ପଣ୍ଡା ସିଙ୍ଘାପଡ଼ା ଅଞ୍ଚଳରେ ପ୍ରାୟ ୫୦ ଏକରରୁ ଉର୍ଦ୍ଧ୍ୱ ଅଞ୍ଚଳ ଜବରଦଖଲ କରିବା ସହିତ ଏହି ପ୍ରକଳ୍ପ ନିର୍ମାଣ କରୁଛନ୍ତି । ତେବେ ସୋଲାର ପ୍ରକଳ୍ପ ନିମନ୍ତେ ପଞ୍ଚାୟତ ଅଧୀନ ହରିହରପ୍ରସାଦ, ନୂଆଗାଁ, ଦଉପୋଖରୀ ମୌଜାରେ ଏକର ଏକର ଜମି ଜବରଦଖଲ କରିଥିବା ସୂଚନା ମିଳିଛି । ଏ ନେଇ ଜିଲ୍ଲା ପ୍ରଶାସନ କିମ୍ବା ରାଜସ୍ୱ ଓ ବନବିଭାଗ ଠାରୁ ଅନୁମତି ନେଇନଥିବା ମଧ୍ୟ ଅଭିଯୋଗ ହୋଇଛି । ଫଳରେ କାହା ସ୍ୱାର୍ଥରେ ସ୍ଥାନୀୟ ପ୍ରଶାସନ କାର୍ଯ୍ୟ କରୁଛି ତାକୁ ନେଇ ପ୍ରଶ୍ନ ଉଠିଛି । ଆସନ୍ତା ୧୫ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାନଗଲେ ପଞ୍ଚାୟତ ବାସିନ୍ଦା ତହସିଲ ଅଫିସ ଘେରିବା ସହିତ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତିୟ ଏ ଦିଗରେ ନୟାଗଡ ଜିଲ୍ଲାପାଳ ପଦକ୍ଷେପ ନେବାକୁ ପଞ୍ଚାୟତ ବାସିନ୍ଦା ଦାବି କରିଛନ୍ତି ।

# ପାରୁଆଭାଡି ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

**କୁଚିଣ୍ଡା,୧୯ ।୩:(ମନ୍ଥନ)**ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପାରୁଆଭାଡି ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା ବୁଧବାର ଦିନ ଗୋଛରା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଲ୍ୟାମ୍ପର ସଭାପତି ହୃଦାନନ୍ଦ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କୁଚିଣ୍ଡା ସମବାୟ ବ୍ୟାଙ୍କର କର୍ମଚାରୀ ବିସ୍ମୟ ପଟେଲ ଓ ବବନ ନାୟକ, ଲ୍ୟାମ୍ପର ଏମ: ଡି ମଞ୍ଜିଲ ପଟେଲ, ପୂର୍ବତନ ଏମ: ଡି ମୋତିଲାଲ ପୃଷ୍ଟେ , ଲ୍ୟାମ୍ପ କର୍ମଚାରୀ ଧନୀରାମ ନାୟକ, ନିର୍ଦ୍ଦେଶକ ଦନାର୍ଦ୍ଦନ ପୃଷ୍ଟେ , ବଦ୍ରିନାରାୟଣ ପଟେଲ,ସୁବ୍ରତ ପଟେଲ, ଭାଗିରଥି କିସାନ, ଅଖିଳ କିସାନ, ଭକ୍ତ କିସାନ, ପୂର୍ବତନ ସରପଞ୍ଚ ଜଗଦୀଶ ଖଣ୍ଡେଲୱାଲ, ଗୋଛରା ହାଇସ୍କୁଲର ଅବସର ପ୍ରାପ୍ତ ଖେଳ ଶିକ୍ଷକ ଉଦିତ ଦେଓ ପ୍ରମୁଖ ଅତିଥି ଗଣ ଉପସ୍ଥିତ ଥିଲେ । ସଭାରେ ପ୍ରଥମେ ଏମ: ଡି ମଞ୍ଜିଲ ପଟେଲ ବାର୍ଷିକ ବିବରଣୀ



ପଠନ କରିବା ସହ ଗତ ଆର୍ଥିକ ବର୍ଷର ଆୟ ବ୍ୟୟର ବିବରଣୀ ଦେଇଥିଲେୟ ସଭାରେ ଉପସ୍ଥିତ ସଭ୍ୟ ମାନେ ଅଚଳ ହୋଇ ପଡିଥିବା ମିନି ବ୍ୟାଙ୍କକୁ ପୂନଃ କାର୍ଯ୍ୟକ୍ଷମ କରିବା ପାଇଁ , ସାର ବଣ୍ଟନ ସମୟରେ ସଠିକ ଭାବେ ଚାଷୀଙ୍କୁ ଠିକ ସମୟରେ ସାର ପ୍ରଦାନ ପାଇଁ ଓ ନାନୋ ୟୁରିଆ। ସାର ନେବା ପାଇଁ ଚାଷୀଙ୍କୁ ବାଧ ନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଓ ଆଲୋଚନା ପରେ ଏହା ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲାୟ ସେହିପରି ଋଣ ନେଇଥିବା ଚାଷୀ ମାନେ ସଠିକ ସମୟରେ ଋଣ ପରିଶୋଧ କରନ୍ତୁ, ଏହା ଦ୍ୱାରା ଲ୍ୟାମ୍ପର ଆର୍ଥିକ ଅବସ୍ଥା ସୁଦୃଢ ହେବ ବୋଲି ସଭ୍ୟମାନେ ପ୍ରସ୍ତାବ ଦେବା ସହିତ ଋଣ ଖିଲାପି ଚାଷୀଙ୍କୁ ନୋଟିସ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଚାଷୀଙ୍କ ମତାମତ ଶୁଣିବା ପରେ ଏମ: ଡି ମଞ୍ଜିଲ ପଟେଲ ଲ୍ୟାମ୍ପ ପକ୍ଷରୁ ଚାଷୀଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ବାବଦରେ ଚାଷୀଙ୍କୁ ଅବଗତ କରାଇବା ସହ ଖୁବ ଶୀଘ୍ର ଲ୍ୟାମ୍ପ ତାର ବ୍ୟବସାୟୀକ ସେବାକୁ ସମ୍ପ୍ରସାରଣ କରି ଏକ ଓମଫେଡ ପାର୍ଲର ଖୋଲିବ ବୋଲି ସୂଚନା ଦେଇଥିଲେ । ସଭା ଶେଷରେ ଲ୍ୟାମ୍ପ କର୍ମଚାରୀ ଉଜଳ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭା ଆୟୋଜନରେ ଲ୍ୟାମ୍ପର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ନାବାଳିକା ଦୁଷ୍କର୍ମ ମାମଲା, ଆସାମୀକୁ ୨୦ବର୍ଷ ଜେଲଦଣ୍ଡ

**କେନ୍ଦ୍ରାପଡ଼ା,୧୯ ।୩:(ମନ୍ଥନ)**ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ ଆସାମୀ ପିତାମ୍ବର ମଳିକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜେଲ ଦଣ୍ଡ ସହ ଆସାମୀକୁ ୫୦ ହଜାର ଟଙ୍କାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଅର୍ଥ ଅନାଦେୟ ଅଭିଯୁକ୍ତ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୨୪ ମସିହା ଜାନୁୟାରୀ ୨୯ ତାରିଖରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନ ଜଣେ ନାବାଳିକା ଘର ନିକଟରେ ବାସନ ମାଜୁଥିବା ବେଳେ ପିତାମ୍ବର ମଳିକ ନାବାଳିକାଙ୍କ ମୁହଁରେ ଏକ ଗାମୁଛା ବାନ୍ଧି ତାଙ୍କୁ ଅପହରଣ କରି ନେଇଥିଲେ। ଏକ ବାଉଁଶ ବୁଦା ମୂଳରେ ତାଙ୍କୁ ଦୁଷ୍କର୍ମ କରିଥିଲେ। ନାବାଳିକା ଜଣକ ଏ କଥା କାହାକୁ କହିଲେ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବ ବୋଲି ଅଭିଯୁକ୍ତ ଧମକ ଦେଇଥିଲା। ଫଳରେ ନାବାଳିକା ଜଣକ ଭୟରେ କାହାକୁ ଏ କଥା କହି ନଥିଲେ। ହେଲେ କିଛି ଦିନ ପରେ ତାଙ୍କ ବ୍ୟବହାରରେ ପରିବର୍ତ୍ତନ ହେବା ଦେଖି ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ଫଳରେ ପରିବାର ଲୋକେ ନାବାଳିକାକୁ ଡାକ୍ତରଖାନା ନେଇ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତରଖାନାରେ ପରୀକ୍ଷାରୁ ଜଣାପଡିଥିଲା ଯେ ନାବାଳିକା ଜଣଙ୍କ ଗର୍ଭବତୀ ହୋଇଛନ୍ତି। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ୨୦୨୫ ମସିହା ଏପ୍ରିଲ ୩୦ ତାରିଖରେ ପୋଲିସ ଅଭିଯୋଗପର୍ଦ୍ଧ କୋର୍ଟରେ ଦାଖଲ କରିବା ପରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ସମସ୍ତ ତଥ୍ୟ ପ୍ରମାଣକୁ ଆଧାର କରି ପୋକସୋ କୋର୍ଟର ଅତିରିକ୍ତ ଜିଲ୍ଲାଜଜ ପ୍ରଜ୍ଞା ପରମିତା ରାଉଳ ଆସାମୀ ବିରୋଧରେ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସେହିପରି ନାବାଳିକାଙ୍କ ପରିବାରକୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜଜ୍ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନେହେରୁ କୁମାର ସାହୁ କୋର୍ଟରେ ମାମଲା ପରିଚାଳନା କରୁଥିଲେ।

ସୂର୍ଯ୍ୟ

ପୃଷ୍ଠା ୦୪

ଶୁକ୍ରବାର ୨୦ ମାର୍ଚ୍ଚ, ୨୦୨୬ ଭୁବନେଶ୍ୱର

FRIDAY, 20 MARCH, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପିଲାଙ୍କ ପାଇଁ ସୃଜନଶୀଳ ଓ ପ୍ରେରଣାଦାୟୀ ଗ୍ରୀଷ୍ମ ଛୁଟି

### ସୁରେଶ କୁମାର ନାୟକ

ପିଲାମାନଙ୍କ ପାଇଁ ଗ୍ରୀଷ୍ମ ଛୁଟି ସ୍ୱାଭାବିକ ଭାବେ ସମସ୍ତେ ଏହି ଛୁଟିକୁ ନେଇ ଯାହା ଭାବନ୍ତି ସମ୍ଭବତଃ ମୁଁ ଛୁଟିର ବିଭିନ୍ନ ଦିଗ ଉପରେ ଆଲୋଚନାଟି ରଖିବା ପାଇଁ ଚାହୁଁଛି। କାରଣ ପିଲାମାନଙ୍କୁ ପ୍ରତିଟି କ୍ଷେତ୍ରରେ ପାଠପଢ଼ା ହେଉ ବା ଛୁଟି ସବୁଥିରେ ପିତାମାତାଙ୍କ ଗୁରୁତ୍ୱପୂର୍ଣ୍ଣ ଓ ଯୋଜନବଦ୍ଧ ଭୂମିକା ରହିଛି। ପିଲାମାନଙ୍କୁ ଏହି ସମୟରେ ଦିଗଦର୍ଶନ ଦେବା ପାଇଁ ଅନେକ ସୁଯୋଗ ଆପଣ ମାନଙ୍କ ହାତରେ। ସବୁବେଳେ ଗୋଟିଏ କଥା ମନେରଖିଥିବେ ଛୁଟିରେ ନିଶ୍ଚିନ୍ତ ଭାବରେ ଖୁସି ଆନନ୍ଦ ପାଇଁ ପର୍ଯ୍ୟାପ୍ତ ସମୟ ତ ରହିଛି କିନ୍ତୁ ପିଲାଟି ପାଇଁ ଏହି ରୁଟିନଟି ମଧ୍ୟ ରଖନ୍ତୁ ଯେ ଏତେ ବଡ଼ ଲମ୍ବା ଛୁଟି ଭିତରେ ସେ ଯେପରି ତାହାର ଆଗାମୀ ବର୍ଷର ପାଠ୍ୟ ଖସଡ଼ା ସହ ନିଜକୁ ପ୍ରସ୍ତୁତ କରିପାରିବ। ଏ କ୍ଷେତ୍ରରେ ଆପଣଙ୍କ ବିଦ୍ୟାଳୟର ଅଧକ୍ଷ, ଶ୍ରେଣୀ ଶିକ୍ଷକଙ୍କ ପରାମର୍ଶ ମଧ୍ୟ ନେଇପାରନ୍ତି। ଛୁଟି ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ଏକ ଭଲ ଯୋଜନା ପ୍ରସ୍ତୁତ କରନ୍ତୁ। ପାଠପଢ଼ା ସହ ପିଲାଙ୍କୁ ବାହାର ଭ୍ରମଣ ଯୋଜନା ଥିଲେ ପିଲାଙ୍କ ମାନସିକତାକୁ ମଧ୍ୟ ଗୁରୁତ୍ୱ ଦିଅନ୍ତୁ। ବାହାରକୁ ଯିବାର ଯୋଜନା କରୁଥିଲେ ପିଲାମାନଙ୍କ ଖୁସି ସହିତ କ୍ଳାନ୍ତର ଦିଗକୁ ମଧ୍ୟ ଦେଖନ୍ତୁ। ଏହା ଯେପରି ତାକୁ ଅଧିକ କ୍ଳାନ୍ତ ଏବଂ ଭାରାକ୍ରାନ୍ତ ନକରେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଛୁଟିକୁ ମଉଜ ମଜଲିସରେ କଟାଇବା ପାଇଁ ପ୍ରତ୍ୟେକ ପିଲା ଚାହାଁନ୍ତି। ପିଲାଟିକୁ ଭିତରେ ରହିଥିବା ନିଜର ଅର୍ନ୍ତହିତ ପ୍ରତିଭା ଓ ସୃଜନ ଦକ୍ଷତାକୁ ପସନ୍ଦ ଅନୁସାରେ ବିକଶିତ କରିବାକୁ ପ୍ରୋତ୍ସାହନ ଦିଅନ୍ତୁ।

ସାଧାରଣତଃ ଅଭିଭାବକ ମାନେ ଛୁଟିରେ ପିଲାକୁ ବାହାରକୁ ବୁଲାଇ ନିଅନ୍ତୁ। ତେବେ ପିଲା ଯେପରି ମନ ପସନ୍ଦର ସ୍ଥାନକୁ ଯାଇ ଛୁଟିର ଆନନ୍ଦ ନେଇ ପାରିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାକୁ ସଂଗ୍ରହାଳୟ, ପାଠାଗାର, ଚିଡ଼ିଆଖାନା, ପାର୍କ କିମ୍ବା ଐତିହାସିକ ସ୍ଥାନକୁ ବୁଲାଇ ନେବା ଭଲ । ଏପରି ସ୍ଥାନ ପିଲାକୁ ଖୁସି ଲାଗିବା ସହିତ ସେ କିଛି ଶିକ୍ଷା ମଧ୍ୟ ପାଇପାରିବେ। କୌଣସି ଆଡ଼ଭେଞ୍ଚର ଆଇଲ୍ୟାଣ୍ଡ ୱାଟର ପାର୍କ, ଆମ୍ୟୁଜ୍‌ମେଣ୍ଟ ପାର୍କ, ସୁଇମିଂ ପୁଲ ଆଦି ସ୍ଥାନକୁ ମଧ୍ୟ ନେଇପାରନ୍ତି । ଏପରି ସ୍ଥାନକୁ ଗଲେ ପିଲାର ବ୍ୟକ୍ତିତ୍ୱର ବିକାଶ ଘଟିବ।

ପିଲାକୁ କିଛି ରଚନାତ୍ମକ କାର୍ଯ୍ୟ ଶିଖାନ୍ତୁ। ଆର୍ଟ ଏବଂ କ୍ରାଫ୍ଟ କ୍ଲାସରେ ଯୋଗ ଦେଇପାରେ। ଏପରି କ୍ଲାସକୁ ଗଲେ ପିଲା ବହୁତ କିଛି ଶିଖିବା ସହିତ ଘରେ ସେସବୁ ଜିନିଷ ତିଆରି କରିପାରିବ। ଘରେ ମଧ୍ୟ ତାକୁ ଚିତ୍ର କଳା, କାର୍ଡ଼, ଫଟୋ ଆଲବମ୍ ତିଆରି ଶିଖାଇ ପାରିବେ। ନୃତ୍ୟ ଏବଂ ସଂଗୀତ ପିଲାର ମନକୁ ଅଧିକ ଖୁସି କରିଥାଏ। ପରୀକ୍ଷାରେ ମାନସିକ ଚିନ୍ତାରୁ ମୁକୁଳିବା ପରେ ମଧୁର ସଂଗୀତ ତାର ମନକୁ ଖୁସି ଦେଇଥାଏ। ତେଣୁ ଆପଣ ଚାହିଁଲେ ତା ପାଇଁ ନୃତ୍ୟ ସଂଗୀତ ଶିକ୍ଷାର ବ୍ୟବସ୍ଥା କରିପାରିବେ। ଆତ୍ମରକ୍ଷାର କୌଶଳ ନିମନ୍ତେ ଦୁଇମାସ ପାଇଁ ଜୁଡ଼ୋ, କରାଟେ ଶିକ୍ଷାର ବ୍ୟବସ୍ଥା ମଧ୍ୟ କରିପାରନ୍ତି। ଛୁଟି ବେଳେ ଘରର ଛୋଟ ଛୋଟ କାମ କରିବା ପାଇଁ ପିଲାଙ୍କୁ ଶିଖାନ୍ତୁ। ଯଥା ଘର ସଜାଡ଼ିବା, ଲୁଗାପଟା ଝଡ଼ାଝଡ଼ି, ବହିଥାକ ସଜଡ଼ା ସଜଡ଼ି ଇତ୍ୟାଦି, ଗଛ ଲଗାଇବା, ପାଣି ଦେବା ଆଦି କାମ ମଧ୍ୟ ଶିଖାନ୍ତୁ। ଗୋଟିଏ ଭଲ ଉପାୟ ଚିନ୍ତା କରନ୍ତୁ। ବିଶେଷକରି ଖାଇବାରେ ଅମଙ୍ଗ ହେଉଥିବା ପିଲାଙ୍କୁ ଏହି ଛୁଟିରେ ରୋଷେଇ କାର୍ଯ୍ୟରେ ଛୋଟିଆ ସହଯୋଗ ପାଇଁ ପ୍ରୋତ୍ସାହିତ କରନ୍ତୁ। ଖାଦ୍ୟ ପ୍ରସ୍ତୁତି ଓ ରୋଷେଇ ଘରର ଆଦବକାଇଦା ତାକୁ ଏକ ଭଲ ଶିକ୍ଷା ଦେବ।

ପିଲାକୁ ମଧ୍ୟ ସମର କ୍ୟାମ୍ପକୁ ପଠାଇପାରନ୍ତି। ସେଠାରେ ସେ ଅନ୍ୟପିଲାମାନଙ୍କ ସହିତ ମିଶି ବହୁତ କିଛି ଶିଖିପାରିବ। ତେବେ ଏହି ସମର କ୍ୟାମ୍ପଟିର ଆୟୋଜନକୁ ନେଇ ଓ ପରିପାର୍ଶ୍ୱିକ ସମୟ ବ୍ୟବଧାନକୁ ଦେଖି ଏକ ଶିକ୍ଷା ବର୍ଦ୍ଧକ ସମର କ୍ୟାମ୍ପ ନିମିତ୍ତ ପ୍ରୋତ୍ସାହନ ଦିଅନ୍ତୁ। ପିଲାକୁ କିଛି ଜ୍ଞାନ ବର୍ଦ୍ଧକ ପୁସ୍ତକ ଦିଅନ୍ତୁ, ଫଳରେ ସେ ଦେଶ ଦୁନିଆ ସଂପର୍କରେ ଅନେକ କିଛି ଜାଣି ପାରିବ। କାହାଣୀ ମାଧ୍ୟମରେ ଏକ ଭଲ ମଣିଷ ହେବା ପାଇଁ ତାକୁ ପ୍ରେରଣା ଦିଅନ୍ତୁ। ସେହିପରି ତାର ପରବର୍ତ୍ତୀ ବା ଉପରଶ୍ରେଣୀକୁ ଯିବା ପୂର୍ବରୁ ସେହି ବିଷୟର ପୁସ୍ତକ ଗୁଡ଼ିକ ସହ ସେ ଯେପରି ପରିଚୟ ହେବ ସେ ଦିଗକୁ ଦେଖନ୍ତୁ। ଏଥି ନିମିତ୍ତ ଅନଲାଇନର ସୁଯୋଗ ମଧ୍ୟ ନେଇପାରିବେ। ପିଲାମାନେ କୌଣସି ନୂଆ ନୂଆ କଳାକୌଶଳ ଶିକ୍ଷା ପାଇଁ ଚାହୁଁଥିଲେ ଏହି ସମର ଭେକେସନଟି ତାଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ସ୍ୱତନ୍ତ୍ର କୌଶଳ ଶିକ୍ଷା ଦିଆଯାଉଥିବା କ୍ଲାସରେ ମଧ୍ୟ ଆଡ଼ମିସନ କରାଇ ପାରିବେ।

କିଛି ମନୋରଂଜନ ନାଟକରେ ଅଂଶ ଗ୍ରହଣ ପାଇଁ ପିଲାକୁ ସୁଯୋଗ ଦିଅନ୍ତୁ। ଏହାଫଳରେ ସେ ନିଜ ସଂସ୍କୃତି ସଂପର୍କରେ ନାଟକରୁ କିଛି ଶିଖି ପାରିବ। ସେହିପରି ପିଲାଟି ଭିତରେ ରହିଥିବା ନିଜର ଆଶା, ସମ୍ଭାବନା, ସ୍ୱପ୍ନ, ଆକାଂକ୍ଷା ଓ ଲକ୍ଷ୍ୟ ସହ ନିଜର ମନର କଥାକୁ ଲେଖି ରଖିବାକୁ ଶିକ୍ଷା ଦିଅନ୍ତୁ। ବର୍ଷ ତମାମ ପାଠପଢ଼ା ଓ ରୁଟିନ ବନ୍ଧା ଜୀବନ ପାଇଁ ସେ ସମୟ ନପାଇ ସଙ୍କୋଚରେ ତାର ମନୋଭାବ ଅନେକଙ୍କୁ ବାଣ୍ଟି ପାରିନଥାଏ ତେଣୁ ଏହି ସମୟରେ ସେ ଲେଖାପଢ଼ା କରିବା ସହ ନିଜ କଥାକୁ ବାହାରକୁ ପ୍ରକାଶ କରିବାର ସୁଯୋଗ ପାଇଥାଏ। ଆପଣ ଚାହିଁଲେ ଛୁଟିରେ ପିଲାଟିକୁ ଅନ୍ୟ ଭାଷା ଉପରେ ମଧ୍ୟ ଶିକ୍ଷା ଦେଇପାରିବେ। କୌଣସି ନିର୍ଦ୍ଦିଷ୍ଟ ଭାଷାରେ ପିଲାଟିର ଦୁର୍ବଳତା ଥିଲେ ଏହି ସମୟଟି ତାଙ୍କୁ ଭରପୁର ଓ ସୁଯୋଗ ପ୍ରେରଣା ଦେବ। ପିଲାଟି ଇଚ୍ଛା କରୁଥିଲେ କୌଣସି ପ୍ରାନ୍ତୀୟ ଭାଷା ବା ବିଦେଶୀ ଭାଷା ମଧ୍ୟ ଶିକ୍ଷା କରିପାରିବ।

ଛୁଟି ଦିନକୁ ଛାଡ଼ିଦେଲେ ପାଠପଢ଼ା ସମୟରେ ପିଲାମାନେ ଏପରି ଲମ୍ବା ଅବକାଶ ପାଇନଥାନ୍ତି। ଏହି ସମୟ ଭିତରେ ପିଲାଟି ନିଜ ଲୋକମାନଙ୍କୁ, ପ୍ରକୃତି, ପରିବେଶ ସହିତ ମିଶି ଅପୂର୍ବ ଓ ସୁନ୍ଦରପୂର୍ଣ୍ଣ ଜୀବନକୁ କିପରି ଅତିକ୍ରମ କରାଯାଏ ଏ ସବୁ ଶିକ୍ଷା ଅତିବ ଗୁରୁତ୍ୱପୂର୍ଣ୍ଣ। ଭଗବାନ ସୂର୍ଯ୍ୟଦେବ ଉଦୟ ହେବାର ଢ଼େର ପୂର୍ବରୁ ଅର୍ଥାତ୍ ପ୍ରତ୍ୟୁଷର ସୂର୍ଯ୍ୟୋଦୟ, ପକ୍ଷୀ ମାନଙ୍କର କିଚିରମିଚିର ଶବ୍ଦ ସହ ରାତିରେ ଖୋଲା ଆକାଶ ତଳେ ତାରା ଦେଖି ସେମାନଙ୍କୁ କିଛି କ୍ଷଣ ପାଇଁ ଜହ୍ନ ମାମୁଁଙ୍କ ରାଜ୍ୟକୁ ନେଇ ଯାଆନ୍ତୁ ଏହା କିଛି ଲୋକଙ୍କ ପାଇଁ ମାମୁଲି କଥା ହୋଇପାରେ କିନ୍ତୁ ଏହା ଅତ୍ୟନ୍ତ ବାସ୍ତବଦାୟୀ ଓ ପିଲାର ସାମଗ୍ରୀକ ବିକାଶ ସହ ପ୍ରକୃତିର ପ୍ରଭାବକୁ ଅତ୍ୟନ୍ତ ଶିକ୍ଷାଦାୟକ ଓ ଆନନ୍ଦ ପ୍ରଦାୟକ ହୋଇପାରିବ।

ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨

# ବିଜେପି ପାଇଁ ଚ୍ୟାଲେଞ୍ଜ

ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ସାରା ବିଶ୍ୱରେ ଇନ୍ଧନ ସଙ୍କଟ ଉତ୍କଟ ହୋଇଛି। କ୍ରୁଡ଼ ଅଏଲ ଏବଂ ଗ୍ୟାସର ସପ୍ଲାଇ ଚେନ ପ୍ରଭାବିତ ହେବା ଫଳରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ଦର ବଢ଼ିଚାଲିଛି। ତୈଳ ଦର ବୃଦ୍ଧି ଯୋଗୁ ପରିବହନ ଖର୍ଚ୍ଚ ମଧ୍ୟ ବଢ଼ିଛି। ଆଶ୍ୱସ୍ତିର ବିଷୟ ହେଲା ଭାରତରେ ଏ ଯାବତ ପେଟ୍ରୋଲ ଏବଂ ଡିଜେଲ ଦର ଅପରିବର୍ତ୍ତିତ ରହିଛି। କିନ୍ତୁ ରନ୍ଧନ ଗ୍ୟାସ ବା ଏଲପିଜିର ଅଭାବ ପରିଲକ୍ଷିତ ହେଉଛି। ସାଧାରଣରେ ଏହାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଭାରତୀୟ ଲୋକଙ୍କର ଏହା ହେଉଛି ଚରିତ୍ର। ସେମାନେ ଅଯଥାରେ ଆତଙ୍କିତ ହୋଇ ଆଗୁଆ ସବୁ ଜିନିଷ କିଣି ଘରେ ମହଜୁଦ ରଖନ୍ତି। ଏହାର ଫାଇଦା ଉଠାନ୍ତି ଅସାଧୁ ବ୍ୟବସାୟୀ। ସେମାନେ ଲୋକଙ୍କ ଆତଙ୍କକୁ ପୁଞ୍ଜି କରି କଳାବଜାରୀ କରନ୍ତି। ଏବେ ଭାରତରେ ଠିକ ସେହି ଅବସ୍ଥା। ଲୋକେ ଏଲପିଜିର ଅଭାବ ଆଶଙ୍କା କରି ଏଥିପାଇଁ ଏହାର ଆବଣ୍ଟନକାରୀଙ୍କ ଆଗରେ ଲମ୍ବା ଧାଡ଼ି ଲଗାଇଛନ୍ତି। ସ୍ୱାଭାବିକ ଭାବେ ସେମାନେ ହଇରାଣ ହେଉଛନ୍ତି, ଦୁର୍ଦ୍ଦଶାର ଶିକାର ହେଉଛନ୍ତି। ଅନେକ ଛାନିଆରେ ଅଧିକ ଟଙ୍କା ଦେଇ କଳାବଜଚାରୀଙ୍କ ଠାରୁ ଗ୍ୟାସ କିଣୁଛନ୍ତି। ଯାହାର ତତ୍କାଳ ଆବଶ୍ୟକତା ନାହିଁ, ସେ ଗ୍ୟାସ ପାଇଁ ଧାଡ଼ି ଲଗାଉଛି। ଫଳରେ ଯାହାର ବାସ୍ତବରେ ତତ୍କାଳ ଏଲପିଜର ଆବଶ୍ୟକତା ରହିଛି ସେ ହଇରାଣ ହେଉଛି। ସରକାର ବାରମ୍ବାର କହୁଛନ୍ତି ଗ୍ୟାସ ପାଇଁ ଆତଙ୍କିତ ହୁଅନ୍ତୁ ନାହିଁ। ଟିକେ ଅଭାବ ରହିଛି, କିନ୍ତୁ ଅଚଳାବସ୍ଥା ସୃଷ୍ଟି ହୋଇନାହିଁ। ଟିକେ ସାବଧାନରେ ଚଳନ୍ତୁ, ଅଧିକ ଦିନ ଗ୍ୟାସକୁ ନିଅନ୍ତୁ। ଆବଶ୍ୟକ ପଡ଼ିଲେ ବିକଳ୍ପ ଇନ୍ଧନ ବ୍ୟବସ୍ଥା କରନ୍ତୁ। ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ, ସମସ୍ତଙ୍କୁ ଗ୍ୟାସ ମିଳିଯିବ। କିନ୍ତୁ ସରକାରଙ୍କ ଆଶ୍ୱସନା ପ୍ରତି କେହି କର୍ଣ୍ଣପାତ କରୁ ନାହାଁନ୍ତି। ସାରା ଦେଶରେ ଏଲପିଜି ଅଭାବ ନେଇ ଏକ ପ୍ରକାର ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଏକ ଅସ୍ୱାଭାବିକ ପରିସ୍ଥିତି ଯାହାକୁ ସହଜରେ ଏଡ଼ାଇ ଦିଆଯାଇପାରିବ। କିନ୍ତୁ ଏଭଳି ପରିସ୍ଥିତି ସରକାରଙ୍କୁ ଚିନ୍ତିତ କରିଛି। କାରଣ ଯାହା ବି ହେଲେ ସରକାର ଜନତାଙ୍କ ନିକଟରେ ଉତ୍ତରଦାୟୀ। ଏଲପିଜି ଅଭାବ ଦୂର କରିବାକୁ ସରକାର କୂଟନୈତିକ ସ୍ତରରେ ଆହଲୋଚନା କରୁଛନ୍ତି। ୩ଟି ଏଲପିଜି ଟ୍ୟାଙ୍କ ବିଦେଶରୁ ଆସି ଭାରତରେ ପହଞ୍ଚିଛି। ଦେଶରେ ଏଲପିଜି ଉତ୍ପାଦନକୁ ୨୫% ବୃଦ୍ଧି କରାଯାଇଛି। କିନ୍ତୁ ଭାରତ ଭଳି ଏତେ ବଡ଼ ଦେଶରେ ଲୋକେ ଯଦି ଛାନିଆ ହୋଇ ଗ୍ୟାସ କିଣିବେ, ତେବେ ପରିସ୍ଥିତିକୁ କେହି ସମ୍ଭାଳିପାରିବେ ନାହିଁ। ଏଲପିଜିର ଅଭାବ ଲାଗି ସରକାର ଦାୟୀ ନୁହଁନ୍ତି। କିନ୍ତୁ ସରକାର ଏଥିଲାଗି ଏହବେ ସମାଲୋଚନାର ଶିକାର ହେଉଛନ୍ତି। କୋଭିଡ ମହାମାରୀ ବେଳେ ଠିକ ଏମିତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହା ବି ହେଉ ଏଲପିଜି ଅଭାବ ଏବେ ଭାରତରେ ଏକ ରାଜନୈତିକ ପ୍ରସଙ୍ଗ ହୋଇଛି। ସରକାରଙ୍କୁ ବିରୋଧୀ ଟାର୍ଗେଟ କରୁଛନ୍ତି। ସବୁ ବୁଝି କିଛି ନବୁଝିବା ପରି ସେମାନେ ଆଚରଣ ପ୍ରଦର୍ଶନ କରୁଛନ୍ତି। ବିପତ୍ତି ବେଳେ ବିରୋଧୀ ଏହାକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଏହା ଦୁର୍ଭାଗ୍ୟଜନକ। ଆସନ୍ତା ମାସରେ ଦେଶର ୪ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ନିର୍ବାଚନରେ ଏଲପିଜି ସଙ୍କଟ ଏକ ବଡ଼ ଇସ୍ୟୁ ହେବ। ଅତୀତରେ ପିଆଜର ଦରବୃଦ୍ଧି ଅନେକ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ସରକାର ବଦଳିଯାଇଛି। ଅବଶ୍ୟ ଏବେ ଭୋଟରମାନେ ପୂର୍ବ ତୁଳନାରେ ଅଧିକ ପରିପକ୍ୱ ହେଲେଣି। କିନ୍ତୁ ସେମାନେ ନିଜ ସ୍ୱାର୍ଥରକ୍ଷା ସହ କେବେ ବି ସାଲିସ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଦେଶ ପଛେ ଭାସିଯାଉ, କିନ୍ତୁ ମୋ ସ୍ୱାର୍ଥ ସୁରକ୍ଷିତ ହୋଇଥାଏ। ଏଭଳି ମାନସିକତା ଅନେକଙ୍କର ରହିଛି। ଏଲପିଜି ସଙ୍କଟ ଯୋଗୁ ସେମାନେ ଆସନ୍ତା ବିଧାନସଭା ନିର୍ବାଚନରେ କେନ୍ଦ୍ରରେ କ୍ଷମତାସୀନ ବିଜେପି ବିରୋଧରେ ରାୟ ଦେଇପାରନ୍ତି। ତାମିଲନାଡୁ, କେରଳ ଓ ପୁଡୁଚେରୀ କଥା ଛାଡ଼। ସେଠାରେ ବିଜେପିର ବିଶେଷ ପ୍ରଭାବ ନାହିଁ। କିନ୍ତୁ ଆସାମ ଓ ପଶ୍ଚିମବଙ୍ଗରେ ଏହା ବିଜେପି ପାଇଁ ଏକ ଆହ୍ୱାନ ହେବ। ଆସାମରେ ବିଜେପି କ୍ଷମତାସୀନ ରହିଛି। ପଶ୍ଚିମବଙ୍ଗରେ ଟିଏମସି ସହ ଏହାର ଯୋରଦାର ମୁକାବିଲା ହେଉଛି। ଉଭୟ ଆସାମ ଏବଂ ପଶ୍ଚିମବଙ୍ଗ ବିଜେପି ପାଇଁ ଏକପ୍ରକାର ସମ୍ମାନର ପ୍ରଶ୍ନ ହୋଇଛି। କିନ୍ତୁ ଏଲପିଜି ସଙ୍କଟ ବିଜେପିର ସମ୍ଭାବନାକୁ ହ୍ରାସ କରୁଛି। ଆସାମରେ କ୍ଷମତା ବଜାୟ ରଖିବା ବିଜେପି ପାଇଁ କଷ୍ଟକର ହୋଇପାରେ। ପଶ୍ଚିମବଙ୍ଗରେ ଏଥର ବିଜେପି ମମତା ବାନାର୍ଜୀଙ୍କୁ କ୍ଷମତଚ୍ୟୁତ କରି କ୍ଷମତା ଦଖଲ କରିବାକୁ ଲକ୍ଷ୍ୟ ରଖିଛି। ପରିସ୍ଥିତି ମଧ୍ୟ ଅନୁକୂଳ ରହିଥିଲା। ମମତାଙ୍କ ବିରୋଧରେ ଅସନ୍ତୋଷର ନିଆଁ ଜଳୁଛି। କିନ୍ତୁ ମାତ୍ର ତିନି ସପ୍ତାହରେ ସ୍ଥିତି ବଦଳିଯାଇଛି। ଏଲପିଜି ଅଭାବ ଯୋଗୁ ଯେଉଁ ଜନ ଅସନ୍ତୋଷ ସୃଷ୍ଟି ହୋଇଛି ତାହା ବିଜେପିର କ୍ଷମତା ଦଖଲ ଲକ୍ଷ୍ୟ ହାସଲରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିପାରେ। ଏଥିପ୍ରତି କେନ୍ଦ୍ର ସରକାର ସତର୍କ ରହିବା ଉଚିତ। ଯଦି ଆଗାମୀ ଦୁଇ ସପ୍ତାହ ଭିତରେ ପରିସ୍ଥିତି ସୁଧୁରିଯାଏ ତେବେ ଠିକ ଅଛି। କିନ୍ତୁ ଯଦି ଏଲପିଜି ସଙ୍କଟ ଜାରି ରହେ ତେବେ ଏହା ବିଜେପିର ସଙ୍କଟକୁ ବଢ଼ାଇଦେବ।

# ଅଭିନନ୍ଦନମ୍ ଅଦ୍ୱିତୀୟ ଶବ୍ଦ, ସ୍ଥପତି କବି ଗିରିଜା କୁମାର ବଳୀୟାର ସିଂ

### ବାଦଲ ଭୂୟାଁ

କଟକ ମାତୃଭବନ କଡ଼ର କଲ୍ୟାଣନଗର ସିଧାରାସ୍ତାର ବାମ ପଟ ମନ୍ଦିରର ଠିକ ବାମପଟର ଛୋଟିଆ ଗଳି ଭିତରେ ରହିଛି 'କାହାଣୀ' ପ୍ରକାଶନ ସଂସ୍ଥା। ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାରରେ ସମସ୍ତ ସମୟ ବିନିଯୋଗ କରି ଆସିଛି ଏହି ସଂସ୍ଥାଟି। ଏହା ହେଉଛି କବି ଗିରିଜା କୁମାର ବଳୀୟାର ସିଂଙ୍କ ଏବେର ଠିକଣା। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତରଫରୁ ୨୦୨୫ ବର୍ଷ ପାଇଁ ଓଡ଼ିଆ ଭାଷାରୁ ବିଶିଷ୍ଟ କବି ଗିରିଜା କୁମାର ବଳୀୟାର ସିଂ କବିତା ବିଭାଗ ପାଇଁ ମନୋନୀତ ହୋଇଛନ୍ତି। ସେହିପରି ସାନ୍ତାଳୀ ଭାଷାରୁ ଲେଖିକା ସ୍ୱର୍ଗୀୟା ସୁମିତ୍ରା ସୋରେନ ମନୋନୀତ ହୋଇଛନ୍ତି। ୨୦୨୦ ମସିହାରେ 'କାହାଣ' ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ଗିରିଜା କୁମାର ବଳୀୟାର ସିଂଙ୍କ କବିତା ସଂକଳନ 'ପାଦ ପୂରଣ' ପାଇଁ ସେ ଏହି ସମ୍ମାନ ପାଇବାକୁ ଯାଉଛନ୍ତି। ସୂଚନାଥାଉକି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗର ଦଶଟି ପୁସ୍ତକ ପୁରସ୍କାର ପାଇଁ ଆବେଦନ ହୋଇଥିଲା। ଗିରିଜା କୁମାର ବଳୀୟାର ସିଂ ୧୯୫୪ ମସିହା, ଡିସେମ୍ବର ୯ ତାରିଖ ଖୋର୍ଦ୍ଧା ଜିଲ୍ଲାର ବାଜପୁରରେ ଜନ୍ମ। ରେଭେନ୍ସାରୁ ସ୍ନାତକୋତ୍ତର ଶିକ୍ଷା ଶେଷ କଲାପରେ କିଛି ଦିନ ଅଧ୍ୟାପକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶାର ବହୁଳ ପ୍ରସାରିତ 'ସମ୍ବାଦ', 'ପ୍ରଗତିବାଦୀ', 'ପ୍ରଜାତନ୍ତ୍ର' ପରି ଓଡ଼ିଆ ଦୈନିକ ସମ୍ବାଦପତ୍ରର ସାହିତ୍ୟ ବିଭାଗରେ ତାଙ୍କ ସ୍ୱତନ୍ତ୍ର ଶବ୍ଦ ସଂଯୋଜନା ଅତିବ ଚମତ୍କାର।

ଗିରିଜା କୁମାର ବଳୀୟାର ସିଂଙ୍କ ଏହି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଥିବାର ଖବର ପ୍ରକାଶ ପାଇବା ପରେ ଗଣମାଧ୍ୟମକୁ ସେ ପ୍ରଦାନ କରିଥିବା ମନ୍ତବ୍ୟ ମଧ୍ୟ ଖୁବ ହୃଦୟସ୍ପର୍ଶୀ – 'ଇଏ ଏକ ପ୍ରାପ୍ତି। ହେଲେ କେହି କେବେ ତ ପ୍ରାପ୍ତି ପାଇଁ ସୃଷ୍ଟି କରେନା, ସୃଷ୍ଟିର ଯନ୍ତ୍ରଣା ଭିତରେ ଯେଉଁ ପ୍ରାପ୍ତି ମିଳେ ଏବଂ ତାହା ଯେଉଁ ଆନନ୍ଦ ଦିଏ ସେ କ'ଣ ଯନ୍ତ୍ରଣାକୁ ଲାଘବ କରିପାରେ ? ଏ ଖୁସି, ଏ ଆନନ୍ଦ ସମୂହର। ଧରି ନିଅନ୍ତୁ ଏହା ଆପଣ ମାନଙ୍କ ଖୁସିର ଏକ ଅଂଶୀଦାର।' ବାଟ ପଡିଛି, ପଥିକ ଚାଲିଛି, ଗଳି ବାଟ ଅଛି, ସିଧା ବାଟ ଅଛି, ସଂକ୍ଷିପ୍ତ ଅଛି, ଦୀର୍ଘ ବାଟ ବି ଅଛି। ମୁଁ ଭାବେ ଲମ୍ବା ବାଟର ପଥିକ। ବାସ୍ତବରେ କେହି କାହାରିଠୁ ପ୍ରେରଣା ପାଆନ୍ତି ନାହିଁ। ନିଜ ଭିତରୁ ପ୍ରେରଣା ମିଳେ। ପାଗଳପଣ ହିଁ ମୋର ପ୍ରେରଣା। ମୁଁ ନିଆରା ବା ଅଲଗା ଲେଖିବି ବୋଲି ସଂକଳ୍ପ ନେଇଥିଲି, ଆଜି ଯାଏ ତାହା ଚାଲୁଛି। ଆଗକୁ ବି ଚାଲୁଥିବି ତେଣୁ ମୁଁ କାହାରିଠୁ ପ୍ରେରଣା ବା ଉତ୍ସାହ ପାଇ ନାହିଁ। ଓଡ଼ିଶାରେ ସାହିତ୍ୟକୁ ବୃତ୍ତି କରି ଜଣେ ବଞ୍ଚିବା ସମ୍ଭବ ନୁହେଁ। ଏଯାଏ ଓଡ଼ିଶାରେ ସେ ପରିସ୍ଥିତି ଆସିନାହିଁ। ଆମ ଭଳି ପୂର୍ବ ପିଢ଼ିଙ୍କୁ ମାନନ୍ତୁ ନାହିଁ ବୋଲି ଆଜିର ଉତ୍ତର ପିଢ଼ିର ସାହିତ୍ୟିକଙ୍କୁ କହିବି। ଜୀବନରେ ମୋଡ଼, ବାଙ୍କ ନଥିଲେ ତାହା ଜୀବନ ନୁହେଁ। କାର୍ଯ୍ୟ କରି ଚାଲନ୍ତୁ, ବିଭିନ୍ନ ବାଧା ପ୍ରତିବନ୍ଧକରୁ ଶିକ୍ଷା ନିଶ୍ଚିନ୍ତ ମିଳିବ। ଆଜିକାଲି ତ କେହି ଶ୍ରୋତା ନାହାଁନ୍ତି ସମସ୍ତେ ବକ୍ତା ହେବା ପାଇଁ ବ୍ୟସ୍ତ। ଗିରିଜା ବାବୁଙ୍କ ରଚିତ ଅତ୍ୟନ୍ତ ଲୋକପ୍ରିୟ ଓ ବହୁଳ ପୁର୍ନମୁଦ୍ରିତ ପୁସ୍ତକ ଗୁଡ଼ିକ ହେଉଛି 'ଭାରତ ବର୍ଷ', 'ଶୀତ ଶୀର୍ଷକ', 'କାଳିର କବିତା', 'ଉତ୍ତର ମେଘ', 'ନୀଳ ନିର୍ବାଣ', 'ପାଦ ପୂରଣ', 'କାବ୍ୟ ପୁରୁଷ', 'ଚର୍ଯ୍ୟା ଚୟନ', 'ଚତୁର୍ଦ୍ଦଶୀର ଚନ୍ଦ୍ର' ପ୍ରମୁଖ।

ଏଯାବତ୍ ତାଙ୍କ ଲେଖିବା ସମୟକୁ ଦେଖିଲେ ଅର୍ଥାତ୍ ୧୯୭୬ରୁ ୨୦୨୬ ଯାଏ ପାଖାପାଖି ଅର୍ଦ୍ଧଶତାବ୍ଦୀର ଖଣ୍ଡ ସମୟ ଭିତରେ ସେ ଓଡ଼ିଆ ସାହିତ୍ୟ ଜଗତକୁ ୧୫ଟି କାବ୍ୟକୃତୀ ପ୍ରଦାନ କରିଛନ୍ତି। ତାଙ୍କର ଅନ୍ୟ ଏକ ସ୍ୱତନ୍ତତା ହେଉଛି ଓଡ଼ିଆରେ ସନେଟ ସାହିତ୍ୟର ସେ ହେଉଛନ୍ତି ଧାରା ପ୍ରବର୍ତ୍ତକ ଓ ସ୍ରଷ୍ଟା। ସେ ଏହି ସନେଟ ସାହିତ୍ୟ ସୃଷ୍ଟିରେ ଯେତିକି ପ୍ରଭାବଶାଳୀ ସେତିକି ସିଦ୍ଧହସ୍ତ ଓ ସେତିକି ସ୍ୱୀକୃତ ଓ ସ୍ମରଣୀୟ ମଧ୍ୟ। ୨୦୦୬ ମସିହାରେ ତାଙ୍କ ପାଠକୀୟ ବହୁଳ କବିତା ସଂକଳନ 'ଭାରତ ବର୍ଷ' ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଗୌରବ ପାଇଥିଲା। ଗିରିଜା ବାବୁଙ୍କ ଏହି କୃତୀ ବିମଣ୍ଡିତ ଗୌରବ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଓଡ଼ିଆ ସାହିତ୍ୟ ବିଭାଗର ଆବାହକ ବିଶିଷ୍ଟ କଥାକାର ଡକ୍ଟର ଗୌରହରି ଦାସ ତାଙ୍କୁ ଶୁଭେଚ୍ଛା ଜଣାଇ ଯାହା କହିଛନ୍ତି ତାହା ଉଦ୍ଧୃତ କରୁଛୁ – 'ଓଡ଼ିଆ ଶବ୍ଦ ଭଣ୍ଡାରର ପ୍ରାଚୁର୍ଯ୍ୟ କବି ବଳୀୟାର ସିଂଙ୍କ କବିତାରେ ଦୃଶ୍ୟମାନ ହୋଇଥାଏ। କବିତାରେ ସାଙ୍ଗିତିକତା ଏବଂ ଭାବ ସାନ୍ଦ୍ରତା ସୃଷ୍ଟି କ୍ଷେତ୍ରରେ ସେ ଅଦ୍ୱିତୀୟ ଶବ୍ଦ ସ୍ଥାପତି।' ଆମ ତରଫରୁ ଓଡ଼ିଆ ସାହିତ୍ୟ ଜଗତର ଏହି ଉଜ୍ଜ୍ୱଳତମ ସାରସ୍ୱତ ସାହିତ୍ୟ ସ୍ରଷ୍ଟାଙ୍କୁ ଢ଼େର ଶୁଭେଚ୍ଛା।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,

# ଚୈତ୍ର ନବରାତ୍ରୀରେ ନବଦୁର୍ଗାଙ୍କ ଉପାସନା

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଦୈବୀ ପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ ସୃଷ୍ଟି ଆରମ୍ଭରୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡରେ ଅନ୍ଧକାର ବିରାଜମାନ କରୁଥିଲା। ସେହି ସମୟରେ ଆଦିଶକ୍ତିଙ୍କ ମନରେ ସୃଷ୍ଟି ନିର୍ମାଣ ଇଚ୍ଛା ପ୍ରକଟ ହେଲା। ଆଦିଶକ୍ତି, ଦେବୀ କୁଷ୍ମାଣ୍ଡାଙ୍କ ରୂପରେ ପୂର୍ବ ସୃଷ୍ଟିର ଅନ୍ତ ପୂର୍ବରୁ ହିଁ ବନସ୍ପତି ଏବଂ ସୃଷ୍ଟିର ରଚନା ନିମନ୍ତେ ଆବଶ୍ୟକ ସାମଗ୍ରୀ ସାଇତି ରଖି ସୂର୍ଯ୍ୟ ମଣ୍ଡଳର ମଧ୍ୟଭାଗରେ ବିରାଜମାନ କରିଥିଲେ। ସୃଷ୍ଟି ରଚନାରେ ସମୟ ଆସିବା ମାତ୍ରେ ସେ ବ୍ରହ୍ମା, ବିଷ୍ଣୁ ଏବଂ ଭଗବାନ ଶିବଙ୍କୁ ପ୍ରକଟ କଲେ। ଏହାପରେ ସତ୍ତ୍ୱ, ରଜ ଓ ତମୋ ଗୁଣ ସମ୍ପନ୍ନ ତ୍ରୀଦେବୀ ସରସ୍ୱତୀ, ଲକ୍ଷ୍ମୀ ଏବଂ କାଳୀଙ୍କୁ ପ୍ରକଟ କଲେ। ସୃଷ୍ଟି ପରିଚାଳନାରେ ସହାୟତା ପ୍ରଦାନ କରିବା ନିମନ୍ତେ ଆଦି ଶକ୍ତି ବ୍ରହ୍ମାଙ୍କୁ ଦେବୀ ସରସ୍ୱତୀ, ବିଷ୍ଣୁଙ୍କୁ ଦେବୀ ଲକ୍ଷ୍ମୀ ଏବଂ ମହାଦେବଙ୍କୁ ଦେବୀ କାଳୀ ପ୍ରଦାନ କଲେ। ଆଦିଶକ୍ତିଙ୍କ କୃପାରୁ ବ୍ରହ୍ମଦେବ ସୃଷ୍ଟିର ରଚୟିତା ହେଲେ। ବିଷ୍ଣୁ ପାଳନ କର୍ତ୍ତା ଏବଂ ମହାଦେବ ହେଲେ ସଂହାରକର୍ତ୍ତା। ଶାସ୍ତ୍ରରେ ଥିବା ବର୍ଣ୍ଣନା ଅନୁଯାୟୀ, ଯେଉଁଦିନ ବ୍ରହ୍ମଦେବ ସୃଷ୍ଟି ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ ସେଦିନ ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ଥିଲା।

ମାତା ଶୈଳପୁତ୍ରୀ : ନବରାତ୍ରୀର ପ୍ରଥମ ଦିନରେ ମା' ଶୈଳପୁତ୍ରୀଙ୍କ ଉପାସନା କରାଯାଇଥାଏ। ମାର୍କଣ୍ଡେୟ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ପର୍ବତରାଜ ହିମାଳୟଙ୍କ ପୁତ୍ରୀ ରୂପରେ ଜନ୍ମ ନେଇଥିବାରୁ ଦେବୀଙ୍କ ନାମ ଶୈଳପୁତ୍ରୀ ହୋଇଥିଲା। ନବରାତ୍ରୀର ପ୍ରଥମ ଦିନରେ ଯୋଗୀ ଜନମାନେ ନିଜ ଶକ୍ତିକୁ ମୂଳାଧାରରେ ସ୍ଥିର କରି ଯୋଗ ସାଧନା କରିଥାନ୍ତି। ମନୁଷ୍ୟ ଜୀବନରେ ଦୃଢ଼ତା, ସ୍ଥିରତା ଏବଂ ଆଧାରର ବିଶେଷ ମହତ୍ତ୍ୱ ରହିଛି। ଏଣୁ ଏହି ଦିନରେ ନିଜ ସ୍ଥାୟିତ୍ୱ ବଜାୟ ରଖିବା ତଥା ଶକ୍ତି ହାସଲ କରିବା ନିମନ୍ତେ ମାତା ଶୈଳପୁତ୍ରୀଙ୍କ ପୂଜା କରାଯାଇଥାଏ। ମାତାଙ୍କ ଆରାଧନା ଦ୍ୱାରା ଜୀବନରେ ସ୍ଥିରତା ଆସିଥାଏ।

ମାତା ବ୍ରହ୍ମଚାରିଣୀ : ନବରାତ୍ରୀର ଦ୍ୱିତୀୟ ଦିନରେ ମା' ବ୍ରହ୍ମଚାରିଣୀଙ୍କ ପୂଜା ହୋଇଥାଏ। ଦେବୀ ବ୍ରହ୍ମଚାରିଣୀ ବ୍ରହ୍ମ ଶକ୍ତି ଅର୍ଥାତ୍ ତପଶକ୍ତିର ପ୍ରତୀକ। ଏହାଙ୍କ ଆରାଧନା ଦ୍ୱାରା ଭକ୍ତ ଠାରେ ତପ ଶକ୍ତି ବୃଦ୍ଧି ହୋଇଥାଏ। ଏଥିସହିତ ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ। ମା'ବ୍ରହ୍ମଚାରିଣୀ ସମଗ୍ର ସଂସାରକୁ ତପସ୍ୟାର ଶିକ୍ଷା ଦେଇଥାନ୍ତି। କଠିନ ତପସ୍ୟା ଅର୍ଥାତ୍ ପରିଶ୍ରମ ବିନା ସଫଳତା ପ୍ରାପ୍ତ କରିବା ଅସମ୍ଭବ। ବିନା ପରିଶ୍ରମରେ ସଫଳତା ଆଶା କରିବା ଈଶ୍ୱରଙ୍କ ବିଧିର ବୀପରିତ।

ମାତା ଚନ୍ଦ୍ରଘଣ୍ଟା : ନବରାତ୍ରୀର ତୃତୀୟ ଦିନରେ ମାତା ଚନ୍ଦ୍ରଘଣ୍ଟାଙ୍କ ଉପାସନା କରାଯାଇଥାଏ। ଏହି ଦେବୀଙ୍କୁ ଶକ୍ତି ମାତାଙ୍କ ଶିବଦୂତୀ ସ୍ୱରୂପ କୁହାଯାଏ। ମାତାଙ୍କ ମସ୍ତକରେ ଘଣ୍ଟା ଆକାରର ଅର୍ଦ୍ଧଚନ୍ଦ୍ର ରହିଛି। ଏହି କାରଣରୁ ସେ ଦେବୀ ଚନ୍ଦ୍ରଘଣ୍ଟା ହୋଇଛନ୍ତି। ଅସୁରଙ୍କ ସହ ଯୁଦ୍ଧ ସମୟରେ ଦେବୀଙ୍କ ଚନ୍ଦ୍ରଘଣ୍ଟାର ଟଙ୍କାରରେ ଅସୁରଙ୍କ ନିପାତ ହୋଇଥିଲା। ନବରାତ୍ରୀର ତୃତୀୟ ଦିନରେ ଏହି ଦେବୀଙ୍କୁ ଉପାସନା କରାଯାଇଥାଏ। ଦେବୀ ପୂଜା ଦ୍ୱାରା ସାଧକର ମଣିପୁରଚକ୍ର ଜାଗ୍ରତ ହୋଇଥାଏ। ଫଳରେ ମନୁଷ୍ୟ ସ୍ୱୟଂ ସିଦ୍ଧି ପ୍ରାପ୍ତ କରି ସାଂସାରିକ କଷ୍ଟରୁ ମୁକ୍ତି ପ୍ରାପ୍ତ କରିଥାଏ।

ଦେବୀ କୁଷ୍ମାଣ୍ଡା : ନବରାତ୍ରୀର ଚତୁର୍ଥ ଦିନରେ ଦେବୀ କୁଷ୍ମାଣ୍ଡାଙ୍କ ପୂଜା କରାଯାଇଥାଏ। ଦେବୀ କୁଷ୍ମାଣ୍ଡା ରୋଗରୁ ତୁରନ୍ତ ମୁକ୍ତି ଦେଇଥାନ୍ତି। ତାଙ୍କୁ ରୋଗ ନଷ୍ଟ କରିବାର ଦେବୀ ରୂପରେ ପୂଜା କରାଯାଇଥାଏ। ଦେବୀଙ୍କ ପୂଜା କରୁଥିବା ଶ୍ରଦ୍ଧାଳୁ ଧନଧାନ୍ୟ ଲାଭ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିଥାଏ। ମା'ଦୁର୍ଗାଙ୍କ ଏହି ଚତୁର୍ଥ ରୂପ କୁଷ୍ମାଣ୍ଡା ନିଜ ଉଦରରୁ ଅଣ୍ଡ ତଥା ବ୍ରହ୍ମାଣ୍ଡର ଉତ୍ପନ୍ନ କରିଥିଲେ ବୋଲି ପୁରାଣରେ ବର୍ଣ୍ଣନା ରହିଛି। ସେଥିପାଇଁ ଦେବୀଙ୍କ ନାମ କୁଷ୍ମାଣ୍ଡା ହୋଇଛି। ନବରାତ୍ରୀର ଚତୁର୍ଥ ଦିନରେ ଦେବୀ କୁଷ୍ମାଣ୍ଡାଙ୍କ ପୂଜା କରିବା ଦ୍ୱାରା ମନୁଷ୍ୟ ଶରୀରରେ ଅନାହତ ଚକ୍ର ଜାଗ୍ରତ ହୋଇଥାଏ।

ସ୍କନ୍ଦମାତା : ନବରାତ୍ରୀର ପଞ୍ଚମ ଦିନରେ ସ୍କନ୍ଦମାତାଙ୍କ ପୂଜା କରାଯାଇଥାଏ। ସ୍କନ୍ଦମାତା ଭକ୍ତଗଣଙ୍କୁ ସୁଖ-ଶାନ୍ତି ପ୍ରଦାନ କରିଥାନ୍ତି। ଦେବାସୁର ସଂଗ୍ରାମରେ ଭଗବାନ ସ୍କନ୍ଦ (କାର୍ତ୍ତିକେୟ) ଦେବତାମାନଙ୍କ ସେନାପତି ହୋଇଥିଲେ। ତାଙ୍କ ମାତା ହୋଇଥିବା କାରଣରୁ ଦେବୀ ଦୁର୍ଗାଙ୍କୁ ସ୍କନ୍ଦମାତା କୁହାଯାଏ। ପଞ୍ଚମ ଦିନରେ ଏହି ଶକ୍ତିସ୍ୱରୂପିଣୀଙ୍କ ଉପାସନା ଭକ୍ତକୁ ଅଶେଷ ସିଦ୍ଧି ପ୍ରଦାନ କରିଥାଏ। ଦେବାସୁର ସଂଗ୍ରାମ ଭଳି ଜୀବନରେ ଭଲ ଏବଂ ମନ୍ଦ ମଧ୍ୟରୁ ମନୁଷ୍ୟକୁ ସର୍ବଦା ଭଲର ପକ୍ଷରେ ରହିବା ଉଚିତ। ସ୍କନ୍ଦମାତାଙ୍କ ଆରାଧନା ଦ୍ୱାରା ମନୁଷ୍ୟ ସତ୍‌ମାର୍ଗରେ ଅଗ୍ରସର ହୋଇଥାଏ। ଦେବୀଙ୍କ ଉପାସନା ମାଧ୍ୟମରେ ମନୁଷ୍ୟର ମନ ବିଶୁଦ୍ଧଚକ୍ରରେ ଅବସ୍ଥିତ ହୋଇଥାଏ।

ମା'କାତ୍ୟାୟିନୀ : ନବରାତ୍ରୀର ଷଷ୍ଠ ଦିନରେ ଆଦିଶକ୍ତି ଶ୍ରୀଦୁର୍ଗାଙ୍କ ଷଷ୍ଠ ସ୍ୱରୂପ ମା'କାତ୍ୟାୟିନୀଙ୍କ ପୂଜା କରାଯିବାର ନିୟମ ରହିଛି। ମହର୍ଷି କାତ୍ୟାୟନଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ଆଦିଶକ୍ତି ତାଙ୍କ କନ୍ୟା ରୂପରେ ଜନ୍ମ ଗ୍ରହଣ କରିଥିଲେ। ସେଥିପାଇଁ ଦେବୀଙ୍କୁ କାତ୍ୟାୟିନୀ ରୂପରେ ପୂଜା କରାଯାଏ। ନବରାତ୍ରୀର ଷଷ୍ଠ ଦିନରେ ଦେବୀ କାତ୍ୟାୟିନୀଙ୍କ ପୂଜା କରିବା ଦ୍ୱାରା ଆଜ୍ଞା ଚକ୍ର ଜାଗ୍ରତ ହୋଇଥାଏ। ଏହାର ଫଳସ୍ୱରୂପ ସାଧକ ସ୍ୱୟମେବ ପ୍ରାପ୍ତ କରିଥାଏ।

ଦେବୀ କାଳରାତ୍ରୀ : ମହାଶକ୍ତି ମା'ଦୁର୍ଗାଙ୍କ ସପ୍ତମ ସ୍ୱରୂପ ହେଉଛି କାଳରାତ୍ରୀ। ମାତା କାଳରାତ୍ରୀ କାଳର ନାଶ କରିଥାନ୍ତି। ଏହି କାରଣରୁ ତାଙ୍କ ନାମ କାଳରାତ୍ରୀ ହୋଇଛି। ନବରାତ୍ରୀର ସପ୍ତମ ଦିନରେ ଦେବୀ କଳରାତ୍ରୀଙ୍କର ପୂଜା କରାଯାଇଥାଏ। ମାତା କାଳରାତ୍ରୀଙ୍କ ଆରାଧନା ସମୟରେ ଭକ୍ତର ମନ ଭାନୁଚକ୍ରରେ କେନ୍ଦ୍ରିତ ହୋଇଥାଏ। ଏହି ଭାନୁ ଚକ୍ର ଲଲାଟ ଅର୍ଥାତ୍ ମସ୍ତିଷ୍କର ମଧ୍ୟ ଭାଗରେ କେନ୍ଦ୍ରୀତ ହୋଇଥାଏ। ଦେବୀଙ୍କ ଆରାଧନାର ଫଳସ୍ୱରୂପ ଭାନୁଚକ୍ରର ଶକ୍ତି ଜାଗ୍ରତ ହୋଇଥାଏ।

ଦେବୀ ମହାଗୌରୀ : ନବରାତ୍ରୀର ଅଷ୍ଟମ ଦିନରେ ମାତା ମହାଗୌରୀଙ୍କୁ ପୂଜା କରାଯାଇଥାଏ। ଆଦିଶକ୍ତି ଶ୍ରୀଦୁର୍ଗାଙ୍କ ଅଷ୍ଟମ ସ୍ୱରୂପ ହେଉଛନ୍ତି ମହାଗୌରୀ। ମହାଗୌରୀଙ୍କ ବର୍ଣ୍ଣ ଅତ୍ୟନ୍ତ ଗୌର ହୋଇଥିବାରୁ ତାଙ୍କୁ ମହାଗୌରୀ ନାମରେ ଉପାସନା କରାଯାଇଥାଏ। ନବରାତ୍ରୀର ଅଷ୍ଟମ ଦିନରେ ମା'ଗୌରୀଙ୍କ ଉପାସନା ଦ୍ୱାରା ଶରୀରର ସୋମ ଚକ୍ର ଜାଗ୍ରତ ହୋଇଥାଏ। ଏହି ଚକ୍ର ଉର୍ଦ୍ଧ୍ୱ ଲଲାଟରେ ଅବସ୍ଥିତ। ଅଷ୍ଟମ ଦିନରେ ସାଧନା ପୂର୍ବକ ଏହି ଚକ୍ରରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ। ସୋମ ଚକ୍ରରେ ଧ୍ୟାନ କେନ୍ଦ୍ରିତ କରି ମହାଗୌରୀଙ୍କ ଉପାସନା ଦ୍ୱାରା ଶ୍ରଦ୍ଧାଳୁ ଏହି ଚକ୍ର ସମ୍ବନ୍ଧୀୟ ସମସ୍ତ ଶକ୍ତି ପ୍ରାପ୍ତ କରିଥାଏ।

ମାତା ସିଦ୍ଧିଦାତ୍ରୀ : ଚୈତ୍ରମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଦେବୀ ଦୁର୍ଗାଙ୍କ ନବଦିନାତ୍ମକ ଉପାସନା ଶେଷ ହୋଇଥାଏ। ଏହି ଅନ୍ତିମ ଦିବସରେ ମାତା ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଇଥାଏ। ମାତା ସିଦ୍ଧିଦାତ୍ରୀ ଭକ୍ତମାନଙ୍କୁ ସମସ୍ତ ସିଦ୍ଧି ପ୍ରଦାନ କରିଥାନ୍ତି। ଅନ୍ତିମ ଦିନରେ ଭକ୍ତମାନଙ୍କୁ ପୂଜା ସମୟରେ ନିଜର ସମସ୍ତ ଧ୍ୟାନ ନିର୍ବାଣ ଚକ୍ରରେ କେନ୍ଦ୍ରିତ କରିବାକୁ ହୋଇଥାଏ। ଏହି ଚକ୍ର କପାଳର ମଧ୍ୟ ଭାଗରେ ରହିଛି। ତେବେ ଏହି ଚକ୍ରରେ ଧ୍ୟାନ କେନ୍ଦ୍ରିତ କରିବାକୁ ହେଲେ ଅଧିକ ଦିନର ଅଭ୍ୟାସ ଆବଶ୍ୟକ। ଏପରି କରିବା ଦ୍ୱାରା ଦେବୀ ସିଦ୍ଧିଦାତ୍ରୀଙ୍କ ସମସ୍ତ ଶକ୍ତି ସ୍ୱତଃ ଭକ୍ତକୁ ପ୍ରାପ୍ତ ହୋଇଥାଏ। ସିଦ୍ଧିଦାତ୍ରୀଙ୍କ ଉପାସନା ଦ୍ୱାରା ଶ୍ରଦ୍ଧାଳୁ ପକ୍ଷେ କୌଣସି କାର୍ଯ୍ୟ ଅସମ୍ଭବ ରହିଥାଏ। ଶ୍ରଦ୍ଧାଳୁ ସୁଖ-ସୁବିଧା ପ୍ରାପ୍ତ କରିଥାଏ।

ସେଥିପାଇଁ ଭାରତୀୟ ନବବର୍ଷର ଆରମ୍ଭ ଏହି ଦିନ ଠାରୁ ହୋଇଥାଏ। ଦେବୀଙ୍କ କୃପାରୁ ବ୍ରହ୍ମଦେବ ସୃଷ୍ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରିଥିବା ଯୋଗୁଁ ଏହି ଦିନ ଠାରୁ ନଅ ଦିନ ପର୍ଯ୍ୟନ୍ତ ଆଦିଶକ୍ତିଙ୍କ ନଅଟି ରୂପର ପୂଜା କରାଯାଇଥାଏ। ଯାହା ଚୈତ୍ର ନବରାତ୍ରୀ ପର୍ବ ଭାବେ ପ୍ରସିଦ୍ଧ। ସୃଷ୍ଟି ନିର୍ମାଣର କାର୍ଯ୍ୟ ସଫଳ ହେବା ପରି ନବବର୍ଷ ମଧ୍ୟ ସମସ୍ତଙ୍କ ପାଇଁ ସଫଳତା ଆଣୁ ବୋଲି ଏହି ଅବସରରେ ଦେବୀଙ୍କ ନିକଟରେ ପ୍ରାର୍ଥନା କରାଯାଇଥାଏ। ବର୍ଷରେ ଦୁଇଥର ଦୁର୍ଗାପୂଜା ପାଳନ କରାଯାଏ। ଶରତ ଋତୁରେ ଆଶ୍ୱିନ ଶୁକ୍ଳ ପକ୍ଷରେ ହେଉଥିବା ଶାରଦୀୟ ଦୁର୍ଗାପୂଜା ସାର୍ବଜନୀନ। ଆଉ ବସନ୍ତ ଋତୁରେ ଚୈତ୍ର ଶୁକ୍ଳ ପକ୍ଷରେ ବାସନ୍ତୀ ଦୁର୍ଗାପୂଜା ପାଳିତ ହୁଏ। ବାସନ୍ତୀ ଦୁର୍ଗା ସଂହାରକାରିଣୀ ନୁହନ୍ତି ସେ ଅନ୍ନଦାତ୍ରୀ ମାତା। ତାଙ୍କୁ ଧରଣୀ ମାତା ଭାବେ କଳ୍ପନା କରାଯାଇଛି। ଧରଣୀ ମାତାଙ୍କର ବୟଃପ୍ରାପ୍ତିରେ ଉତ୍‌ଫୁଲ୍ଲିତ ମଣିଷ କେଉଁ ପୁରୁଣା କାଳରୁ ବାସନ୍ତୀ ଦୁର୍ଗା ପୂଜା ପାଳନ କରିଆସୁଥିବା ଜଣାଯାଏ। ପୁରାଣ ଆନୁଯାୟୀ ଦୁର୍ଗାପୂଜା ବସନ୍ତ ଋତୁ କାଳୀନ ଉତ୍ସବ। ପ୍ରଭୁ ଶ୍ରୀରାମଙ୍କ ପୂର୍ବରୁ ଏହା ଥିଲା ମୁଖ୍ୟ ଦୁର୍ଗାପୂଜା, ଏଣୁ ପ୍ରାଚୀନତମ। ମହାପରାକ୍ରମୀ ଲଙ୍କାନରେଶ ରାବଣକୁ ନିଧନ କରିବା ପାଇଁ ଲଙ୍କା ଯୁଦ୍ଧ ପୂର୍ବରୁ ଶ୍ରୀରାମ ଆଦ୍ୟାଶକ୍ତି ମାତା ଦୁର୍ଗାଙ୍କୁ ଆବାହନ କରିଥିଲେ। ମାତା ପ୍ରସନ୍ନ ହେଲେ ତାଙ୍କୁ ଆଶୀର୍ବାଦ ଦେବା ପରେ, ସେ ଯୁଦ୍ଧକୁ ବାହାରିଥିଲେ। ତାହା ଥିଲା ଶରତ ଋତୁ। ତେଣୁ ଶାରଦୀୟ ଦୁର୍ଗା ପୂଜା ପାଳନ କରାଯାଏ। ଶ୍ରୀରାମ ଅସମୟରେ ଦୁର୍ଗାପୂଜା କରିଥିବାରୁ ଏହାକୁ ଅକାଳ ବୋଧନ ମଧ୍ୟ କୁହାଯାଏ। ଶାରଦୀୟ ଦୁର୍ଗାପୂଜା ଏବଂ ବାସନ୍ତୀ ଦୁର୍ଗାପୂଜାର ରୀତି-ନୀତି ପ୍ରାୟ ଏକା ଭଳି। ଭକ୍ତ ଶ୍ରଦ୍ଧାଳୁମାନେ ଏହି ସମୟରେ ବସନ୍ତ ନବରାତ୍ରି ବ୍ରତ ପାଳନ କରନ୍ତି।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ, କଟକ, ଦୂରଭାଷ : ୯୪୩୭୦୫୧୯୫୭
E-mail :
drumeshchandra123patra@gmail.com

# କୃଷ୍ଣସ୍ତୁ ଭଗବାନ ସ୍ୱୟଂ

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ତାହା ନୁହେଁ। ଏହି ନୃତ୍ୟ ଚିରନ୍ତନ। ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ। ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ। ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ। ରାସଲୀଳା ହେଉଛି ଏହାର ଇଙ୍ଗିତ। ଜୀବକୁଳ ଯଦି ଏହି ଭାବରେ କୁଳମାଲିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ସମ୍ଭାବନା ନଥାଏ। ଏହି କେନ୍ଦ୍ରାୟିତ ଆବର୍ତ୍ତନ ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଏକ ଏଟମ୍ ଭିତରେ ମଧ୍ୟ ନିହିତ ଅଛି। ସେଠାରେ ମଧ୍ୟ ଏକ ପ୍ରୋଟନ୍‌କୁ କେନ୍ଦ୍ର କରି ଚାଲିଛି ଇଲେକ୍‌ଟ୍ରନର ଆବର୍ତ୍ତନ। ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ ଦିନେ କହିଲେ – ଭଗବାନ ଶ୍ରୀକୃଷ୍ଣଙ୍କର ରାସଲୀଳା ଏହି ଏଟମ୍ ଭିତରେ ନିତ୍ୟ ଗତିଶୀଳତାର ଅଭିବ୍ୟକ୍ତି। ଏକ ଏଟମ୍‌ର କେନ୍ଦ୍ରାୟିତ ଆବର୍ତ୍ତନ ଯେଭଳି ସେହି ଏଟମ୍‌କୁ ଧରି ରଖିବାରେ ସାହାଯ୍ୟ କରେ, ଭାଙ୍ଗିଯିବାକୁ ଦିଏ ନାହିଁ, ସେହିପରି ଜୀବନକୁ ସୁସଂସ୍ଥ ଓ ସୁସଂବଦ୍ଧ କରି ରଖିବାକୁ ହେଲେ ଆବଶ୍ୟକ ଜୀବନର କୁଳମାଲିକ ବା ଇଷ୍ଟଗୁରୁଙ୍କ ପ୍ରତି ଅଚ୍ୟୁତ ନିଷ୍ଠାନନ୍ଦିତ ସୁକେନ୍ଦ୍ରିକ ଅନୁଚଳନ। ଏହି ଚଳନରେ ହିଁ ଜାଗି ଉଠେ ବ୍ୟକ୍ତିତ୍ୱ, ଜୀବନ ହୁଏ ଆନନ୍ଦମୟ ଓ ସେହି ଦିବ୍ୟ ଚଳନର ଦ୍ୟୋତକ ହିଁ ରାସଲୀଳା। ଶ୍ରୀକୃଷ୍ଣଙ୍କର ଲୀଳାକାଳରେ ଏକ ବିଶେଷ ଅଂଶ ଘଟେ ବୃନ୍ଦାବନରେ। ସେଠାରେ ସେ ବହୁ ଅସୁର ମାନଙ୍କର ନିଧନ କରି ବହୁ ଶରଣାଗତଙ୍କୁ ରକ୍ଷା କରିଛନ୍ତି। ଏହି ବୃନ୍ଦାବନ ହେଉଛି ଏକ ସ୍ଥାନର (କ୍ରମଶଃ)



# ମେଳଣ ମାନଙ୍କରେ ଡିଜେ ବନ୍ଦପାଇଁ କଡା କାର୍ଯ୍ୟାନୁଷ୍ଠାନ, ୧ ଡିଜେଗାଡି ଜବତ

**ବଲଙ୍ଗା, ୧୯।୩(ଏଜେନ୍ସି):**ବେଆଇନ୍ ଭାବେ ମେଳଣରେ ଡିଜେ ବଜାଇ ଶବ୍ଦ ପ୍ରଦୁଷଣ ସୃଷ୍ଟି ସାଙ୍ଗକୁ ସାଧାରଣ ଜନ ଜିବନ ଚଳଣି ଉପରେ ବାଧାସୃଷ୍ଟି କରିବା ଅଭିଯୋଗରେ ବଳଙ୍ଗା ପୋଲିସ ଡିଜେ ଗାଡିକୁ ଜବତ କରିଛି । ବୁଧବାର ରାତି ୨ଟା ବେଳେ ସରସ୍ୱତୀପୁର ଅଞ୍ଚଳର ଏକ ମେଳଣରେ ଅତ୍ୟନ୍ତ ତିବ୍ର ଶବ୍ଦରେ ଡିଜେ ବାଜୁଥିବା ନେଇ ବଳଙ୍ଗା ପୋଲିସକୁ ସୁଚନା ମିଳିଥିଲା । ଫଳରେ ବଳଙ୍ଗା ଥାନା ଆଇ.ଆଇ.ସି ସସ୍ମିତା ସାହୁ ସଦଳ ବଳେ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସେତେବେଳେ ଅତି ତିବ୍ର ଶବ୍ଦରେ ଡିଜେ ବାଜୁଥିବା ଦେଖି ଶବ୍ଦ କମାଇବା ପାଇଁ ଡିଜେଗାଡି ଡ୍ରାଇଭର ଓ ଉପସ୍ଥିତ ସ୍ଥାନୀୟ ଲୋକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସେମାନେ ତାହା ଭୃକ୍ଷେପ ନକରି ଉଚ୍ଚ ଶବ୍ଦରେ ଡିଜେ ବଜାଇ ଚାଲିଥିଲେ । ଫଳରେ ଆଇ.ଆଇ.ସି ସେମାନଙ୍କୁ ଅନୁମତି ପତ୍ର ମାଗିଥିଲେ । ସେମାନେ ଅନୁମତି ପତ୍ର ଦେଖାଇ ନପାରିବାରୁ ତୁରନ୍ତ ଡିଜେ ଗାଡିକୁ ଜବତ କରାଯାଇଥିଲା । ଏହି ସମ୍ପର୍କରେ ବଳଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ପୋଲିସର ଏତାଦୃଶ୍ୟ ପଦକ୍ଷେପ ଫଳରେ ଡିଜେ ମାଲିକ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

# ଅବସରପ୍ରାପ୍ତ ଷ୍ଟେଟବ୍ୟାଙ୍କ ଅଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା, ୧୯।୩(ଏଜେନ୍ସି):**ଭାରତୀୟ ଷ୍ଟେଟବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ କେନ୍ଦ୍ରାପଡା ସହରର ତିନିମୁହାଣିଛକ ନିକଟସ୍ଥ ଭ୍ରମରଦିଆପାଟଣା ବାସିନ୍ଦା ପ୍ରଭାକର ନାୟକଙ୍କ ୮୦ବର୍ଷ ବୟସରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ନାୟକଙ୍କୁ ଷ୍ଟେଟବ୍ୟାଙ୍କ ଶାଖା ଓ ପେନସନର୍ସ ସଙ୍ଘ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଷ୍ଟେଟବ୍ୟାଙ୍କ ଟ୍ରିବ୍ୟୁଟ୍ ଯୋଜନା ଅନୁଯାୟୀ ଷ୍ଟେଟବ୍ୟାଙ୍କ କଲେଜରୋଡ ଶାଖା ପକ୍ଷରୁ ସ୍ୱର୍ଗତ ନାୟକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଷ୍ଟେଟବ୍ୟାଙ୍କ କଲେଜରୋଡ ଶାଖା ପରିଚାଳକ ଅଶୋକ କୁମାର ପରିଡା ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ ଓଡିଶା ସର୍କଲର ଆଞ୍ଚଳିକ ସମ୍ପାଦକ ଗଣେଶ୍ୱର ମେକାପ, ବରିଷ୍ଠ ସଦସ୍ୟ ସୁନାକର ଜେନା, ପରମାନନ୍ଦ ସେଠୀ ପ୍ରମୁଖ ସ୍ୱର୍ଗତ ନାୟକଙ୍କ ଭ୍ରମରଦିଆପାଟଣାସ୍ଥିତ ବାସଭବନରେ ପହଞ୍ଚି ଷ୍ଟେଟବ୍ୟାଙ୍କ ପକ୍ଷରୁ ୩୦ହଜାର ଟଙ୍କାର ଚେକ ସହ ଏକ ଶୋକବାର୍ତ୍ତା ସ୍ୱର୍ଗତ ନାୟକଙ୍କ ପତ୍ନୀ ଲୀଳାବତି ନାୟକଙ୍କୁ ପ୍ରଦାନ କରିଛନ୍ତି । ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ ପକ୍ଷରୁ ଆଞ୍ଚଳିକ ସମ୍ପାଦକ ଶ୍ରୀ ମେକାପ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।

# ସୋନୋଲୋଜି କ୍ଷେତ୍ରର ଅଗ୍ରଣୀ ଡ଼କ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ଦେହାନ୍ତ

**ଫୁଲନଖରା, ୧୯।୩(ଏଜେନ୍ସି):**ଓଡ଼ିଶା ଓ ସମଗ୍ର ଭାରତରେ ସୋନୋଲୋଜି କ୍ଷେତ୍ରରେ ଅସାଧାରଣ ଅବଦାନ ରଖିଥିବା ପ୍ରସିଦ୍ଧ ଚିକିତ୍ସକ ଡ଼କ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କର ୯ ମାର୍ଚ୍ଚ ୨୦୨୬ ରେ ଦେହାନ୍ତ ଘଟିଛି । ସେ ୨୦ ଜୁଲାଇ ୧୯୫୦ ରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କର ସମଗ୍ର ଜୀବନକୁ ଚିକିତ୍ସା ସେବା ଓ ଆଧୁନିକ ନିର୍ଣ୍ଣୟ ପଦ୍ଧତିର ବିକାଶ ପାଇଁ ଉତ୍ସର୍ଗ କରିଥିଲେ । ଅଲ୍ଟ୍ରାସାଉଣ୍ଡ ଓ ସୋନୋଲୋଜି କ୍ଷେତ୍ରରେ ତାଙ୍କର ଗଭୀର ଜ୍ଞାନ ଏବଂ ଅନୁଭବ ତାଙ୍କୁ ଚିକିତ୍ସା ମଣ୍ଡଳୀରେ ଏକ ପ୍ରମୁଖ ସ୍ଥାନରେ ପରିଣତ କରିଥିଲା । ଯେତେବେଳେ ଏହି କ୍ଷେତ୍ର ଆରମ୍ଭିକ ପର୍ଯ୍ୟାୟରେ ଥିଲା, ସେତେବେଳେ ସେ ଦୂରଦୃଷ୍ଟି ଓ ପ୍ରତିବଦ୍ଧତା ସହିତ ଏହାର ଭବିଷ୍ୟତ ଗଠନରେ ଲାଗିପଡ଼ିଥିଲେ । ସେ ଆଧୁନିକ ଚିକିତ୍ସା ନିର୍ଣ୍ଣୟ ପ୍ରଣାଳୀକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଅଗ୍ରଣୀ ଭୂମିକା ନେଇଥିଲେ । ଡ଼କ୍ଟର ମହାନ୍ତି କେବଳ ଜଣେ ପ୍ରତିଭାଶାଳୀ ସୋନୋଲୋଜିଷ୍ଟ ନୁହେଁ, ବରଂ ଜଣେ ଶ୍ରେଷ୍ଠ ଗୁରୁ ଓ ପରାମର୍ଶଦାତା ଭାବେ ମଧ୍ୟ ପରିଚିତ ଥିଲେ । ତାଙ୍କ ମାର୍ଗଦର୍ଶନରେ ଅନେକ ଯୁବ ଚିକିତ୍ସକ ନିଜର କ୍ୟାରିୟର ଗଢ଼ି ନେଇଥିଲେ । ରୋଗୀ ସେବା ପ୍ରତି ତାଙ୍କର ଅଟଳ ନିଷ୍ଠା ଓ ସାହାନୁଭୂତି ତାଙ୍କୁ ସବୁଙ୍କ ମନରେ ଏକ ଅଲଗା ସ୍ଥାନ ଦେଇଥିଲା । ତାଙ୍କର ଅବଦାନ ଦ୍ୱାରା କେବଳ ଚିକିତ୍ସା ସେବାର ମାନ ଉନ୍ନତ ହୋଇନଥିଲା, ବରଂ ଏକ ପିଢ଼ିକୁ ସତ୍ୟନିଷ୍ଠା, କରୁଣା ଓ ଉତ୍କର୍ଷତାର ପଥରେ ଆଗୁଆ କରିବାକୁ ପ୍ରେରଣା ମିଳିଥିଲା ।

# ୨୦ହଜାର ଛଟେଇ କରିବ ଏଚ୍ଏସବିସି

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି):** ବିଶ୍ୱର ଅଗ୍ରଣୀ ଆର୍ଥିକ ସଂସ୍ଥା ଏଚ୍ଏସ୍ବିସି ହୋଲ୍ଡିଂସ୍ ଆସନ୍ତା ୫ ବର୍ଷ ମଧ୍ୟରେ ଏହାର ୨୦ହଜାର କର୍ମଚାରୀଙ୍କୁ ଛଟେଇ କରିବା ଉପରେ ବିଚାର କରୁଛି । ମଧ୍ୟମ କ୍ଷେତ୍ରରେ ଓ ବ୍ୟାକ୍ ଅଫସରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଏହାଦ୍ୱାରା ପ୍ରଭାବିତ ହେବା ଆଶଙ୍କା କରାଯାଉଛି । ଏଚ୍ଏସ୍ବିସିର ସିଇଓ ଜର୍ଜସ୍ ଏଲ୍ହେଡେରି କୃତିମ ବୃଦ୍ଧିମତ୍ତା (ଏଆଇ) ବ୍ୟବହାର ଉପରେ ଜୋର ଦେଉଛନ୍ତି । ୨୦୨୪ରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସେ ବ୍ୟାଙ୍କରେ ଅନେକ ପରିବର୍ତ୍ତନ ଆଣିବା ସହ କର୍ମଚାରୀ ଛଟେଇ କରିଛନ୍ତି ଓ କିଛି ବ୍ୟବସାୟକୁ ବିକ୍ରି, ବନ୍ଦ ଓ ମିଶ୍ରଣ କରାଇଛନ୍ତି । ଏଆଇ ବ୍ୟବହାର କରି ଉଭୟ ଖର୍ଚ୍ଚ କମ୍ କରିବା ଓ କର୍ମଚାରୀଙ୍କ ଉତ୍ପାଦକତା ବାଢ଼ାଇବା ଉପରେ



ବିଚାର କରାଯାଉଛି ବୋଲି କିଛି ଦିନ ତଳେ ବ୍ୟାଙ୍କର ମୁଖ୍ୟ ବିତ୍ତ ଅଧିକାରୀ ପାମ୍ କେର କହିଥିଲେ । କାର୍ଯ୍ୟକୁ ଅଧିକ ପାରଦର୍ଶୀ କରିବା ପାଇଁ ଗ୍ରାହକ ସେବା କେନ୍ଦ୍ର, ଗ୍ରାହକଙ୍କୁ ଜାଣିବା ଟିମ୍ ଓ କାରବାର ଉପରେ ନଜର ରଖୁଥିବା ବିଭାଗରେ ଏଆଇ ବ୍ୟବହାର କରିବା ବିଷୟରେ ଏଚ୍ଏସ୍ବିସି ଗମ୍ଭୀରତାର ସହ ବିଚାର କରୁଛି । ବ୍ୟାଙ୍କର ଅନ୍ତର୍ଜାତୀୟ ସେବା କେନ୍ଦ୍ରଗୁଡ଼ିକରେ ବ୍ୟାକ୍ ଅଫିସ୍ରେ କାମ କରୁଥିବା କର୍ମଚାରୀମାନେ ଆଗାମୀ ଛଟେଇ ପଦକ୍ଷେପ ଦ୍ୱାରା ପ୍ରଭାବିତ ହେବା ଆଶଙ୍କା କରାଯାଉଛି । ବର୍ତ୍ତମାନ ଏହା କେବଳ ଆକଳନ ପର୍ଯ୍ୟାୟରେ ରହିଛି । ଚୂଡ଼ାନ୍ତ ନିଷ୍ପତ୍ତି ଅନେକ ବିଷୟ ଉପରେ ନିର୍ଭର କରିବ । ଏଚ୍ଏସ୍ବିସିରେ ବର୍ତ୍ତମାନ ସାରା ବିଶ୍ୱରେ ୨,୧୦,୦୦୦ରୁ ଅଧିକ କର୍ମଚାରୀ କାମ କରୁଛନ୍ତି ।

# ଋଣଭାରରେ ବୁଡ଼ିଲା ଆମେରିକା

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି):**ଗତ ମାସରେ ଇସ୍ରାଏଲ ସହିତ ମିଶି ଆମେରିକା ଇରାନ ଉପରେ ଆକ୍ରମଣ କରିଥିଲା । ଆକ୍ରମଣକୁ ମାତ୍ର କିଛି ସପ୍ତାହ ବିତିଛି, କିନ୍ତୁ ଆମେରିକାର ଆର୍ଥିକ କ୍ଷତି କ୍ରମାଗତ ଭାବରେ ବୃଦ୍ଧି ପାଉଛି । ବିଶ୍ୱର ସବୁଠାରୁ ଧନୀ ଦେଶ ମଧ୍ୟ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି । ବୁଧବାର ସୁଦ୍ଧା ଏହାର ମୋଟ ଜାତୀୟ ଋଣ ରେକର୍ଡ ୩୯ ଟ୍ରିଲିୟନ ଡଲାରରେ ପହଞ୍ଚିଛି । ଏହି ଆଶ୍ଚର୍ଯ୍ୟଜନକ ତଥ୍ୟ ସେତେବେଳେ ଆସିଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ଆମେରିକାର ଅର୍ଥନୀତିକୁ ପୁନଃ ସୁଧାରିବା ପାଇଁ କାମ କରୁଛନ୍ତି । ଏକ ପ୍ରମୁଖ ଟିକସ ଆଇନ ପାସ କରୁଛି, ପ୍ରତିରକ୍ଷା ଖର୍ଚ୍ଚ ଏବଂ ପ୍ରବାସନକୁ କଡ଼ାକଡ଼ି କରୁଛି ଏବଂ ଋଣ ହ୍ରାସ କରିବାକୁ ଚେଷ୍ଟା କରୁଛି । ଟ୍ରମ୍ପ ତାଙ୍କ ନିର୍ବାଚନ ପ୍ରଚାର ସମୟରେ ଆମେରିକାର ଋଣ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେରିକାର ମୋଟ ଋଣ ୩୯ ଟ୍ରିଲିୟନ ଡଲାର ଭାରତର ମୋଟ ଅର୍ଥନୀତି ଅପେକ୍ଷା ୧୦ ଗୁଣା ଅଧିକ । ସରକାରୀ ଉତ୍ତରଦାୟିତ୍ୱ କାର୍ଯ୍ୟାଳୟ ଆମେରିକୀୟମାନଙ୍କ ଉପରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସରକାରୀ ଋଣର କିଛି କାରଣ ଉଲ୍ଲେଖ କରିଛନ୍ତି । ଯେଉଁଥିରେ ମର୍ଟଗେଜ୍ ଏବଂ କାର ଭଳି ଜିନିଷ ଉପରେ ଉଚ୍ଚ ସୁଧ ହାର, ନିବେଶ ପାଇଁ କମ୍ ଟଙ୍କା ପାଇଁ କମ ମଜୁରୀ ଏବଂ ସାମଗ୍ରୀ ତଥା ସେବା ପାଇଁ ଅଧିକ ମୂଲ୍ୟ ଅନ୍ତର୍ଭୁକ୍ତ ରହିଛି । ସନ୍ତୁଳିତ ବଜେଟ୍ ପ୍ରବକ୍ତାମାନେ ଚେତାବନୀ ଦେଇଛନ୍ତି ଯେ ଅଧିକ ଋଣ ନେବା ଏବଂ ଅଧିକ ସୁଧ ଦେବାର ଏହି ଦୀର୍ଘକାଳୀନ ଧାରା ଆମେରିକୀୟମାନଙ୍କୁ ଲାଭଦାୟକ କରିବ ନାହିଁ । ଭବିଷ୍ୟତରେ ସେମାନେ ଆହୁରି କଠୋର ଆର୍ଥିକ ନିଷ୍ପତ୍ତିର ସମ୍ମୁଖୀନ ହୋଇପାରନ୍ତି । ଆମକୁ ଏହି ଚିନ୍ତାଜନକ ଅଭିବୃଦ୍ଧି ହାର ଏବଂ ଏହା ପରବର୍ତ୍ତୀ ପିଢ଼ି ଉପରେ ପକାଇବ ପ୍ରଚୁର ଆର୍ଥିକ ବୋଝକୁ ଚିହ୍ନିବାକୁ ପଡିବ ବୋଲି ଆମେରିକାର ଦୀର୍ଘକାଳୀନ ଆର୍ଥିକ ଚ୍ୟାଲେଞ୍ଜ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରୁଥିବା ଏକ ଅଣଲାଭକାରୀ ସଂଗଠନ ପିଟର ଜି. ପିଟରସନ ଫାଉଣ୍ଡେସନର ଅଧ୍ୟକ୍ଷ ଏବଂ ସିଇଓ ମାଇକେଲ ପିଟରସନ ଏକ ବିବୃତିରେ କହିଛନ୍ତି । ଏହା ଆମେରିକା ପାଇଁ ଚିନ୍ତାର ବିଷୟ । ରିପବ୍ଲିକାନ୍ ଏବଂ ଡେମୋକ୍ରାଟିକ୍ ରାଷ୍ଟ୍ରପତିଙ୍କ ଅଧୀନରେ ସଂଘୀୟ ଋଣ ଯଥେଷ୍ଟ ବୃଦ୍ଧି ପାଇଛି । ଆମେରିକାର ଋଣରେ ସମ୍ପ୍ରତି ବୃଦ୍ଧିର ମୁଖ୍ୟ କାରଣ ହେଉଛି ଯୁଦ୍ଧ, କୋଭିଡ଼-୧୯ ମହାମାରୀ ସମୟରେ ବିପୁଳ ଖର୍ଚ୍ଚ ଏବଂ ଗୁରୁତ୍ୱପୂର୍ଣ୍ଣ ଟିକସ ହ୍ରାସୟ ପାଞ୍ଚ ମାସ ପୂର୍ବେ, ଆମେରିକାର ଋଣ ୩୮ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା, ଯାହା ମାତ୍ର ଦୁଇ ମାସ ପୂର୍ବେ ୩୭ ଟ୍ରିଲିୟନ ଡଲାର ଥିଲା । ପିଟରସନ୍ ଦାବି କରନ୍ତି, ବର୍ତ୍ତମାନର ଅଭିବୃଦ୍ଧି ହାରରେ, ଚଳିତ ବର୍ଷର ନିର୍ବାଚନ ପୂର୍ବରୁ ଆମର ଜାତୀୟ ଋଣ ଆଶ୍ଚର୍ଯ୍ୟଜନକ ଭାବରେ ୪୦ ଟ୍ରିଲିୟନ ଡଲାରରେ ପହଞ୍ଚିବ । ହ୍ୱାଇଟ୍ ହାଉସର ଅର୍ଥନୈତିକ ପରାମର୍ଶଦାତା କେଭିନ୍ ହାସେଟ୍ ସମ୍ପ୍ରତି ଆକଳନ କରିଛନ୍ତି ଯେ ଇରାନ ସହିତ ଚାଲିଥିବା ଯୁଦ୍ଧ ପାଇଁ ଆମେରିକାକୁ ଏପର୍ଯ୍ୟନ୍ତ ୧୨ ବିଲିୟନ ଡଲାରରୁ ଅଧିକ କ୍ଷତି ସହିବାକୁ ପଡ଼ିଛି । ଏହି ଯୁଦ୍ଧ କେବେ ଶେଷ ହେବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ । ହ୍ୱାଇଟ୍ ହାଉସର ମୁଖପାତ୍ର କୁଶ ଦେଶାଇ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷରେ ସଂଘୀୟ ନିଅଣ୍ଟ ହ୍ରାସ କରିବାକୁ ସଙ୍କେତ ଦେଇଛନ୍ତି ।

# ହରିୟାଣାରେ ହୃଦଘାତ ନେଲାଣି ୧୮ ହଜାର ଯୁବକଙ୍କ ଜୀବନ

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି):**ହରିୟାଣାରେ ଯୁବପିଢ଼ିଙ୍କ ମଧ୍ୟରେ ବଢ଼ୁଥିବା ହୃଦଘାତ ଜନିତ ମୃତ୍ୟୁକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ୨୦୨୦ରୁ ୨୦୨୬ ଜାନୁଆରୀ ମଧ୍ୟରେ ରାଜ୍ୟରେ ୧୮ରୁ ୪୫ ବର୍ଷ ବୟସ୍କ ପ୍ରାୟ ୧୭,୯୭୩ ଜଣ ଯୁବକଙ୍କର ହୃଦଘାତ ଯୋଗୁଁ ପ୍ରାଣହାନୀ ଘଟିଛି । ହରିୟାଣା ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେବାକୁ ଯାଇ ସରକାର ଏହି ତଥ୍ୟ ଉପସ୍ଥାପନ କରିଛନ୍ତି । ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ପ୍ରତିବର୍ଷ ହୃଦଘାତ ଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି । ୨୦୨୦ରେ ୨,୩୯୪, ୨୦୨୧ରେ ଏହି ସଂଖ୍ୟା ବୃଦ୍ଧି ପାଇ ୩,୧୮୮ ହୋଇଥିବା ବେଳେ ୨୦୨୨ରେ ୨,୭୯୬, ୨୦୨୩ରେ ୨,୮୮୬, ୨୦୨୪ରେ ୩,୦୬୩, ୨୦୨୫ରେ ୩,୨୫୫, ୨୦୨୬ (ଜାନୁଆରୀ)ରେ ୩୯୧ ଜଣଙ୍କ ହୃଦଘାତ ହୋଇଥିବା ସରକାର ସୂଚନା ପ୍ରଦାନ କରିଛନ୍ତି । ବିଭିନ୍ନ ଜିଲ୍ଲାରୁ ମିଳିଥିବା ସୂଚନା ଅନୁଯାୟୀ, ଯମୁନାନଗର ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ସବୁଠାରୁ ଅଧିକ ରହିଛି । ଏଠାରେ ପ୍ରତିବର୍ଷ ହାରାହାରି ୩୭୦ରୁ ୪୬୦ ଜଣ ଯୁବକ ହୃଦଘାତର ଶିକାର ହେଉଛନ୍ତି । ଅନ୍ୟପଟେ ଗୁରୁଗ୍ରାମରେ ଏହି ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇ ୧୧୩ରୁ ୮୩କୁ ଖସିଥିବା ବେଳେ, ରୋହତକରେ ମୃତ୍ୟୁ ସଂଖ୍ୟା ତୁଳନାତ୍ମକ ଭାବେ କମ୍ (ବାର୍ଷିକ ପ୍ରାୟ ୩୦-୪୦) ରହିଛି । ଏହି ମୃତ୍ୟୁଗୁଡ଼ିକ କୋଭିଡ-୧୯ ସଂକ୍ରମଣ କିମ୍ବା ଟୀକାକରଣ ସହିତ ଜଡ଼ିତ କି ନାହିଁ, ସେ ସମ୍ପର୍କରେ ବିଧାୟକ ପ୍ରଶ୍ନ କରିଥିଲେ । ତେବେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଏଭଳି କୌଣସି ସର୍ଭେ କିମ୍ବା ବୈଜ୍ଞାନିକ ଅଧ୍ୟୟନ କରାଯାଇ ନାହିଁ । ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଏହି 'ହୃଦ୍ ବିଫଳତା'' ପଛର କାରଣ ଖୋଜିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସରକାରୀ ପଦକ୍ଷେପ ନିଆଯାଇ ନଥିବା ସେ ସ୍ପଷ୍ଟ କରିଛନ୍ତି । ତେବେ ଯୁବବର୍ଗଙ୍କ ମୃତ୍ୟୁସଂଖ୍ୟା ଏତେ ଅଧିକ ହେବା ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇ ନଥିବାରୁ ବିରୋଧୀ ପକ୍ଷ ଉଦ୍ବେଗ ପ୍ରକାଶ କରିଛନ୍ତି । ବିଶ୍ୱବ୍ୟାପୀ ହୃଦଘାତ ସମସ୍ୟା ବଢ଼ୁଥିବା ବେଳେ ହରିୟାଣାର ଏହି ରିପୋର୍ଟ ସାଧାରଣ ଜନତାଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି ।

# ଆମେରିକାକୁ ଧ୍ୱଂସ କରିଦେବେ ପାକ୍-ଚୀନ୍ !

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି):** ଯଦି ଅଣ୍ଟି ଛୁରୀ ତଣ୍ଟି କାଟିବ ତା'ହେଲେ କହିବ କାହାକୁ ? ଠିକ୍ ସେମିତି ଏକ ଖବର ଏବେ ସାରା ବିଶ୍ୱରେ ଚହଳ ପକାଇଛି । ଆମେରିକାର ଗୁଇନ୍ଦା ମୁଖ୍ୟ ତଥା ଡୋନାଲ୍ଡ ଟ୍ରମ୍ପଙ୍କ ଅତି ବିଶ୍ୱସ୍ତ ତୁଳସୀ ଗାବାର୍ଡ ଏମିତି ଏକ ତଥ୍ୟ ଖୁଲାସା କରିଛନ୍ତି, ଯାହା ଜାଣିଲେ ଆପଣଙ୍କ ପାଦ ତଳୁ ମାଟି ଖସିଯିବ । ପାକିସ୍ତାନ, ଚୀନ ଏବଂ ଉତ୍ତର କୋରିଆ – ଏହି ତିନି ଦେଶ ଏବେ ଆମେରିକା ପାଇଁ ସବୁଠାରୁ ବଡ଼ ପରମାଣୁ ବିପଦ ଭାବେ ଉଭା ହୋଇଛନ୍ତି । କିନ୍ତୁ ପ୍ରଶ୍ନ ଉଠୁଛି, ଟ୍ରମ୍ପଙ୍କ ଶାସନରେ ଆମେରିକା ଏହି ବିପଦର ମୁକାବିଲା କିପରି କରିବ ? କ'ଣ ଟ୍ରମ୍ପ ଏହି ଶତ୍ରୁମାନଙ୍କୁ ମୁହଁତୋଡ଼ ଜବାବ ଦେବେ ?ଆମେରିକାର ସୁରକ୍ଷା ବ୍ୟବସ୍ଥାକୁ ନେଇ ଚାଞ୍ଚଲ୍ୟକର ଖୁଲାସା ହୋଇଛି । ନ୍ୟାସନାଲ ଇଣ୍ଟେଲିଜେନ୍ସର ନିର୍ଦ୍ଦେଶକ ତୁଳସୀ ଗାବାର୍ଡ ସିଧାସଳଖ ଚେତାବନୀ ଦେଇଛନ୍ତି ଯେ, ଆମେରିକାର ମୁଣ୍ଡ ଉପରେ ଏବେ ପରମାଣୁ ଯୁଦ୍ଧର କଳା ବାଦଲ ଘୋଟି ଆସୁଛି । ଗାବାର୍ଡଙ୍କ କହିବା ଅନୁଯାୟୀ, ପାକିସ୍ତାନ ନିଜର ପରମାଣୁ ଭଣ୍ଡାରକୁ ଏମିତି ଭାବେ ବଢ଼ାଉଛି ଯେ ଏହା ଯେକୌଣସି ମୁହୂର୍ତ୍ତରେ ବିଶ୍ୱ ଶାନ୍ତି ପାଇଁ ବିପଦ ସାଜିପାରେ । ଖାଲି ସେତିକି ନୁହେଁ, ଚୀନ ଏବଂ ଉତ୍ତର କୋରିଆ ସହିତ ମିଶି ପାକିସ୍ତାନ ଏକ 'ଆଣବିକ ତ୍ରିକୋଣ' ସୃଷ୍ଟି କରୁଛି, ଯାହାର ଏକମାତ୍ର ଟାର୍ଗେଟ୍ ହେଉଛି ଆମେରିକା । ଏହି ରିପୋର୍ଟ ଆସିବା ପରେ ଟ୍ରମ୍ପ ପ୍ରଶାସନରେ ହଇଚଇ ସୃଷ୍ଟି ହୋଇଛି । ଟ୍ରମ୍ପ ସବୁବେଳେ 'ଆମେରିକା ଫାଷ୍ଟ' ନୀତିରେ ବିଶ୍ୱାସ କରନ୍ତି । ଗାବାର୍ଡଙ୍କ ଏହି ଖୁଲାସା ଟ୍ରମ୍ପଙ୍କୁ ଶତ୍ରୁ ଦେଶ ବିରୋଧରେ କଠୋର ପଦକ୍ଷେପ ନେବା ପାଇଁ ଏକ ବଡ଼ ଅସ୍ତ୍ର ଦେଇଛି । ବିଶେଷଜ୍ଞଙ୍କ ମତରେ, ଟ୍ରମ୍ପ ଏବେ ପାକିସ୍ତାନ ଉପରେ କଡ଼ା ଆର୍ଥିକ କଟକଣା ଲଗାଇବା ସହ ଚୀନର ସାମରିକ ଅଭିଯାନକୁ ରୋକିବା ପାଇଁ ବଡ଼ ରଣନୀତି ପ୍ରସ୍ତୁତ କରୁଛନ୍ତି । ଟ୍ରମ୍ପଙ୍କର ଏହି ଆକ୍ରମଣାତ୍ମକ ଆଭିମୁଖ୍ୟ ଶତ୍ରୁ ଦେଶଙ୍କୁ ପଛଘୁଞ୍ଚା ଦେବାକୁ ବାଧ କରିବ ।ଅନ୍ୟପଟେ ଇରାନ ସହିତ ଚାଲିଥିବା ତିକ୍ତତା ମଧ୍ୟ ଏହି ରିପୋର୍ଟରେ ସ୍ଥାନ ପାଇଛି । ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉପୁଜିଥିବା ବେଳେ, ପାକିସ୍ତାନ ଓ ଚୀନର ପରମାଣୁ ମିସାଇଲ୍ ପ୍ରସ୍ତୁତି ନିଆଁରେ ଘିଅ ଢାଳିବା ଭଳି କାମ କରିଛି । ତୁଳସୀ ଗାବାର୍ଡ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ଆଉ ଚୁପ୍ ବସିବ ନାହିଁ । ଶତ୍ରୁଙ୍କ ପ୍ରତିଟି ଚାଲ୍ ଉପରେ ଗୁଇନ୍ଦା ବିଭାଗ ନଜର ରଖିଛି । ଯଦି ଆମେରିକାର ସାର୍ବଭୌମତ୍ୱ ଉପରେ କେହି ଆଖି ପକାଏ, ତେବେ ଟ୍ରମ୍ପଙ୍କ ସେନା ତା'ର ଜବାବ ବୁଲେଟରେ ଦେବ ।ବଡ଼କଥା ହେଉଛି ଆମେରିକା ପାଖରେ ଏବେ ଦୁଇଟି ରାସ୍ତା ଅଛି – ହୁଏତ ଆଲୋଚନା ନଚେତ ଶକ୍ତି ପ୍ରଦର୍ଶନ । ଆଉ ଟ୍ରମ୍ପ ସବୁବେଳେ ଶକ୍ତି ପ୍ରଦର୍ଶନ କରିବାକୁ ଅଧିକ ପସନ୍ଦ କରନ୍ତି । ତୁଳସୀ ଗାବାର୍ଡଙ୍କ ଏହି ବୟାନ କେବଳ ଏକ ରିପୋର୍ଟ ନୁହେଁ ବରଂ ଏହା ଚୀନ, ପାକିସ୍ତାନ ଏବଂ ଉତ୍ତର କୋରିଆ ପାଇଁ ଏକ ଶେଷ ଚେତାବନୀ । ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ଏବେ ଏକ ନୂଆ ରଣନୀତିରେ ଆଗକୁ ବଢ଼ୁଛି । କ'ଣ ଟ୍ରମ୍ପଙ୍କ ଏହି କଠୋର ଆଭିମୁଖ୍ୟ ବିଶ୍ୱକୁ ଏକ ବଡ଼ ଯୁଦ୍ଧ ଆଡ଼କୁ ଠେଲିଦେବ ? ନା ଏହି ଧମକରେ ଶତ୍ରୁ ଦେଶମାନେ ନଇଁଯିବେ ?

# ଫେବ୍ରୁଆରି ୨୮ରୁ ପଶ୍ଚିମ ଏସିଆରୁ ଭାରତ ଫେରିଲେଣି ୨,୮୦,୦୦୦ ଭାରତୀୟ

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି):** ଫେବ୍ରୁଆରି ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ଯୋଗୁଁ ପଶ୍ଚିମ ଏସିଆ ଅଶାନ୍ତ ହୋଇପଡ଼ିଥିବାବେଳେ ସେଠାରେ ଥିବା ୨ ଲକ୍ଷ ୮୦ ହଜାର ଭାରତୀୟ ଏପର୍ଯ୍ୟନ୍ତ ସ୍ୱଦେଶ ଫେରିଛନ୍ତି । ଯୁଦ୍ଧ ଯୋଗୁଁ ବିମାନ ଚଳାଚଳରେ ସମସ୍ୟା ଥିବା ସତ୍ତ୍ୱେ ପାଖାପାଖି ୩ ଲକ୍ଷ ଭାରତୀୟଙ୍କୁ ଫେରାଇ ଅଣାଯାଇଛି ବୋଲି ଗୁରୁବାର ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ପଶ୍ଚିମ ଏସିଆ ଓ ଭାରତ ମଧ୍ୟରେ ସୀମିତ ବିମାନ ଚଳାଚଳ କରୁଛି । ତେବେ ମାର୍ଚ୍ଚ ୧୮ରେ ଭାରତ ଓ ୟୁଏଇ ମଧ୍ୟରେ ୭୫ଟି ବିମାନ ଚଳାଚଳ କରିଥିଲା । ଆଜି ୯୦ଟି ବିମାନ ଚଳାଚଳ କରିବାର ସମ୍ଭାବନା ରହିଛି । ବିବାଦ ସତ୍ତ୍ୱେ ଅଧିକ ବିମାନ ଚଳାଚଳ କରିବାକୁ ପ୍ରୟାସ କରାଯାଉଛି । ଓମାନ ଓ ସାଉଦି ଆରବରୁ ଭାରତକୁ ବିମାନ ଚଳାଚଳ ଜାରି ରହିଛି ।କତର ଆକାଶମାର୍ଗ ଆଂଶିକ ଖୋଲା ରହିଛି । କତର ଏୟାରୱେଜ୍ ଭାରତକୁ ବ୍ୟବସାୟିକ ବିମାନ ଚଳାଚଳ ଜାରି ରଖିଛି ବୋଲି ଆନ୍ତଃ ମନ୍ତ୍ରିସ୍ତରୀୟ ବୈଠକ ପରେ ମହାଜନ ଏହି ସୂଚନା ଦେଇଛନ୍ତି । ତେବେ କୁଏତ ଆକାଶ ମାର୍ଗ ଯୁଦ୍ଧ ଆରମ୍ଭ ପରଠାରୁ ବନ୍ଦ ରହିଛି ।

# ବିଶ୍ୱର ସବୁଠୁ ବଡ ଗ୍ୟାସ୍ ପ୍ଲାଣ୍ଟ ଉପରକୁ ଇରାନର ମିସାଇଲ ମାଡ

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି):**ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ଇରାନ ଏପରି ଏକ ରଣନୀତି ଆପଣେଇଛି, ଯାହା କେବଳ ଯୁଦ୍ଧକୁ ନୁହେଁ ବରଂ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବାରେ ଲାଗିଛି । ଇସ୍ରାଏଲ ସହିତ ଜାରି ସଂଘର୍ଷ ସମୟରେ, ଇରାନ ସିଧାସଳଖ ସାମରିକ ଘାଟିକୁ ଟାର୍ଗେଟ କରିବା ପରିବର୍ତ୍ତେ ବିଶ୍ୱକୁ ତେଲ ଏବଂ ଗ୍ୟାସ ଯୋଗାଣ କରୁଥିବା ସ୍ଥାନ ଗୁଡ଼ିକୁ ଟାର୍ଗେଟ କରିଛି । ଇରାନ ହର୍ମୁଜ୍ ପ୍ରଣାଳୀ ଉପରେ ଚାପ ପ୍ରୟୋଗ କରିବାକୁ ମଧ୍ୟ ଚେଷ୍ଟା କରୁଛି । ଏହି ସମୁଦ୍ର ପଥ ଗୁରୁତ୍ୱପୂର୍ଣ୍ଣ କାରଣ ବିଶ୍ୱର ତୈଳର ଏକ ବଡ଼ ଅଂଶ ଏହା ଦେଇ ଗତି କରେ । ଏହା ସହିତ, କାତାରରେ ଅବସ୍ଥିତ ବିଶ୍ୱର ସର୍ବବୃହତ ଗ୍ୟାସ ହବ୍ ରାସ୍ ଲାଫାନ୍ ଇଣ୍ଡଷ୍ଟ୍ରିଜ୍ ସିଟି ଉପରେ ଆକ୍ରମଣ ହୋଇଛି, ଯାହା ବିଶ୍ୱର ଗ୍ୟାସ ଯୋଗାଣର ପ୍ରାୟ ୨୦% ଅଟେ । ଆକ୍ରମଣରେ ଅନେକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା, ଯାହା ମଧ୍ୟରୁ କିଛିକୁ ଅଟକାଇ ଦିଆଯାଇଥିଲା । ହେଲେ ଗୋଟିଏ ସିଧାସଳଖ ପ୍ଲାଣ୍ଟରେ ଆଘାତ କରିଥିଲା, ଯାହା ଫଳରେ ଗୁରୁତ୍ୱପୂର୍ଣ୍ଣ କ୍ଷତି ହୋଇଛି । ସଂଯୁକ୍ତ ଆରବ ଏମିରେଟ୍ସରେ ଥିବା ହାବଶାନ୍ ଗ୍ୟାସ୍ କମ୍ପ୍ଲେକ୍ସକୁ ମଧ୍ୟ ବନ୍ଦ କରିବାକୁ ପଡିଛି । ଏହି ପ୍ଲାଣ୍ଟ ପ୍ରତିଦିନ ପ୍ରାୟ ୬.୧ ବିଲିୟନ ଘନଫୁଟ ଗ୍ୟାସ ଉତ୍ପାଦନ କରେ, ଯାହା ଟାଇର ର ପ୍ରାୟ ୬୦% ତୈଳ ଆବଶ୍ୟକତା ପୂରଣ କରେ । ଏହି ଗ୍ୟାସ ବିଦ୍ୟୁତ ଉତ୍ପାଦନ, ଜଳ ବିଶୋଧନ ଏବଂ ବଡ଼ ବଡ଼ ଶିଳ୍ପକୁ ଇନ୍ଧନ ପାଇଁ ବ୍ୟବହୃତ ହୁଏ । ସାଉଦି ଆରବରେ ମଧ୍ୟ ଆକ୍ରମଣ ଚେଷ୍ଟା କରାଯାଇଛି । ରିୟାଦ ଆଡ଼କୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା ଏବଂ ପୂର୍ବ ଅଞ୍ଚଳରେ ଏକ ରିଫାଇନାରୀକୁ ଟାର୍ଗେଟ କରିବାକୁ ଡ୍ରୋନ୍ ଚେଷ୍ଟା କରିଥିଲା । ଏହି ଆକ୍ରମଣ ପରେ, ବିଶ୍ୱବ୍ୟାପୀ ତୈଳ ଏବଂ ଗ୍ୟାସ୍ ମୂଲ୍ୟ ଦ୍ରୁତ ଭାବରେ ବୃଦ୍ଧି ପାଇଛି । ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ୍ ୧୧୨ ଡଲାରରୁ ଅଧିକ ହୋଇଛି । ଆମେରିକାରେ ଡିଜେଲ ପ୍ରତି ଗ୍ୟାଲନ୍ ୫ ଡଲାରରୁ ଅଧିକ ହୋଇଛି, ଯାହା ୨୦୨୨ ପରଠାରୁ ସର୍ବାଧିକ । ୟୁରୋପରେ ଗ୍ୟାସ୍ ମୂଲ୍ୟ ପ୍ରାୟ ୭୦% ବୃଦ୍ଧି ପାଇଛି, ଏବଂ ଏସିଆରେ LNG ମୂଲ୍ୟ ପ୍ରାୟ ୮୮% ବୃଦ୍ଧି ପାଇଛି । ଏହି ଆକ୍ରମଣର ପ୍ରଭାବ ଏହି ଦେଶ ଗୁଡ଼ିକ ମଧ୍ୟରେ ସୀମିତ ନୁହେଁ । ଚୀନ୍, ଭାରତ, ଜାପାନ ଏବଂ ଦକ୍ଷିଣ କୋରିଆ ଭଳି ଦେଶ ଗୁଡ଼ିକ ଏହି ଗ୍ୟାସ୍ ଯୋଗାଣ ଉପରେ ଅତ୍ୟନ୍ତ ନିର୍ଭରଶୀଳ । ଭାରତ ତାର ଗ୍ୟାସ ଆବଶ୍ୟକତାର ଏକ ବଡ଼ ଅଂଶ କତାରରୁ ଆମଦାନୀ କରିଥାଏ, ତେଣୁ ଏହି ସଙ୍କଟର ପ୍ରଭାବ ଏଠାରେ ମଧ୍ୟ ଅନୁଭୂତ ହେବାର ସମ୍ଭାବନା ଅଛି । ଅନେକ ଦେଶରେ ଗ୍ୟାସ ସଂରକ୍ଷଣ ବହୁତ କମ୍ । କିଛି ଦେଶରେ କେବଳ ୯ ରୁ ୧୧ ଦିନ ପାଇଁ ସଂରକ୍ଷଣ ବାକି ଅଛି । ପାକିସ୍ତାନ ଏବଂ ବାଂଲାଦେଶ ଭଳି ଦେଶର ପରିସ୍ଥିତି ଆହୁରି କଷ୍ଟକର ହୋଇପାରେ, କାରଣ ସେମାନଙ୍କ ପାଖରେ ସୀମିତ ବିକଳ୍ପ ଅଛି । ଇରାନ ଦ୍ୱାରା ଟାର୍ଗେଟ କରାଯାଇଥିବା ସ୍ଥାନ ଗୁଡ଼ିକ କେବଳ ସ୍ଥାନୀୟ ପ୍ଲାଣ୍ଟ ନୁହେଁ, ବରଂ ବିଶ୍ୱ ଶକ୍ତି ଯୋଗାଣର ପ୍ରମୁଖ କେନ୍ଦ୍ରୟ ସେମାନଙ୍କୁ ଆକ୍ରମଣ କରିବା ଅର୍ଥ ହେଉଛି ଏହାର ପ୍ରଭାବ ପ୍ରତ୍ୟେକ ଦେଶ, ପ୍ରତ୍ୟେକ ଶିଳ୍ପ ଏବଂ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ । ଯଦି ଏହି ପରିସ୍ଥିତି ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହେ, ତେବେ ମୁଦ୍ରାସ୍ଫୀତି ଆହୁରି ବୃଦ୍ଧି ପାଇପାରେ ଏବଂ ବିଶ୍ୱ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇପାରେ ।

# ୨୨ ଭାରତୀୟ ଜାହାଜକୁ ଯିବାର ଅନୁମତି ଦେଲାନି ଇରାନ

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି):**ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ସମୟରେ ମଧ୍ୟ, ହର୍ମୁଜ ପ୍ରଣାଳୀ ଦେଇ ଭାରତ ଏହାର ଅନେକ ଜାହାଜକୁ ସୁରକ୍ଷିତ ଭାବରେ ପରିଚାଳନା କରିଥିବାରୁ ବିଶ୍ୱ ସ୍ୱୀକାର କରୁଛି । ବିଶ୍ୱର ଅନେକ ଦେଶ ଭାରତର କୂଟନୀତିକୁ ପ୍ରଶଂସା କରୁଛନ୍ତି । ତଥାପି, କିଛି ନକାରାତ୍ମକ ତତ୍ତ୍ୱ ମଧ୍ୟ ଅଛନ୍ତି ଯେଉଁମାନେ ଭାରତର ସଫଳତାକୁ ବଦନାମ କରିବା ପାଇଁ ମିଥ୍ୟା ଏବଂ ଭିତ୍ତିହୀନ ସୂଚନା ପ୍ରସାରଣ କରୁଛନ୍ତି । ସୋସିଆଲ ମିଡିଆରେ ସମାନ ମିଥ୍ୟା ଏବଂ ଭିତ୍ତିହୀନ ଦାବି ଭାଇରାଲ ହେଉଛି । ଏଥିରେ ଦାବି କରାଯାଇଛି ଯେ ଇରାନ ବର୍ତ୍ତମାନ ହର୍ମୁଜରେ ଫସି ରହିଥିବା ୨୨ ଟି ଭାରତୀୟ ଜାହାଜକୁ ଯିବାକୁ ଅନୁମତି ଦେବାକୁ ମନା କରିଦେଇଛି । ତଥାପି, ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏହି ଦାବିଗୁଡ଼ିକୁ 'ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭିତ୍ତିହୀନ' ବୋଲି କହି ତଥ୍ୟ ଯାଞ୍ଚ କରିଛି । ପଶ୍ଚିମ ଏସିଆରେ ଜାରି ସଂଘର୍ଷ ଭିତରେ ସୃଷ୍ଟି ହୋଇଥିବା ଗୁଜବ ଦେଇ ଗୁରୁବାର ବୈଦେଶିକ ମନ୍ତ୍ରଣାଳୟ ଗୁରୁବାର ଏକ 'ଫେକ୍ ନ୍ୟୁଜ ଆଲର୍ଟ' ଜାରି କରିଛି । ଏହା ମାଧ୍ୟମରେ ବୈଦେଶିକ ମନ୍ତ୍ରଣାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ କରାଯାଇଥିବା ମିଛ ଦାବିକୁ ନେଇ ସଚେତନ ରହିବାକୁ କହିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ଫାକ୍ଟ ଚେକ୍ ହାଣ୍ଡେଲରେ ଏକ ନକଲି ପୋଷ୍ଟ ଭାଇରାଲ ପୋଷ୍ଟକୁ ସେୟାର କରି ଲେଖିଛି,ଦୟାକରି ସୋସିଆଲ ମିଡିଆରେ ଏଭଳି ମିଛ ଓ ଆଧାରହୀନ ଦାବି ଓ ପୋଷ୍ଟ ପ୍ରତି ସାବଧାନ ରୁହନ୍ତୁ ।ଏକ ନକଲି ଭାଇରାଲ ପୋଷ୍ଟରେ ଦାବି କରାଯାଇଥିଲା ଯେ, ଇରାନ ଏବଂ ଭାରତ ଏବେ ମୁହାଁମୁହିଁ ହୋଇଛନ୍ତି । ଇରାନ ୨୨ଟି ଭାରତୀୟ ଜାହାଜକୁ ହର୍ମୁଜ୍ ଦେଇ ଯିବାକୁ ଅନୁମତି ଦେବାକୁ ମନା କରିଦେଇଛି ।

# ଡ୍ରୋନ୍ ନିର୍ମାଣରେ ବିଶ୍ୱସ୍ତରୀୟ ହବ୍ ହେବ ଭାରତ

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି):**ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲାଗିରହିଥିବା ଯୁଦ୍ଧ ପରିସ୍ଥିତି ଓ ରଣନୈତିକ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଭାରତ ଏବେ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟାରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବାକୁ ଲକ୍ଷ୍ୟ ରଖିଛି । ଦିଲ୍ଲୀରେ ଆୟୋଜିତ ଜାତୀୟ ପ୍ରତିରକ୍ଷା ଶିଳ୍ପ ସମ୍ମିଳନୀ ୨୦୨୬ରେ ଉଦବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ, ରୁଷ-ୟୁକ୍ରେନ ଏବଂ ଇରାନ-ଇସ୍ରାଏଲ ସଂଘର୍ଷ ଆଧୁନିକ ଯୁଦ୍ଧ କ୍ଷେତ୍ରରେ ଡ୍ରୋନ୍ ଓ ଆଣ୍ଟି-ଡ୍ରୋନ୍ ପ୍ରଯୁକ୍ତିବିଦ୍ୟାର ଅପରିହାର୍ଯ୍ୟତାକୁ ପ୍ରମାଣିତ କରିଛି । ଭବିଷ୍ୟତର ଯୁଦ୍ଧ କୌଶଳକୁ ଦୃଷ୍ଟିରେ ରଖି ଭାରତକୁ ଏକ ସୁଦୃଢ଼ ଡ୍ରୋନ୍ ଉତ୍ପାଦନ ଇକୋସିଷ୍ଟମ ବିକଶିତ କରିବାକୁ ପଡ଼ିବ, ଯାହା ଦେଶକୁ ଆଗାମୀ କିଛି ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବେ ଉଭା କରିବ । ପ୍ରତିରକ୍ଷା ପ୍ରସ୍ତୁତି ଏବଂ ରଣନୈତିକ ସ୍ୱାୟତ୍ତତା ପାଇଁ ସ୍ୱଦେଶୀ



ଜ୍ଞାନକୌଶଳରେ ନିର୍ମିତ ଡ୍ରୋନ୍ ଅତ୍ୟନ୍ତ ଜରୁରୀ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ଏହି ଆତ୍ମନିର୍ଭରଶୀଳତା କେବଳ ଉପରିସ୍ଥ ଢାଞ୍ଚାରେ ସୀମିତ ନରହି ଡ୍ରୋନର ସଫ୍ଟୱେର, ଇଞ୍ଜିନ୍ ଓ ବ୍ୟାଟେରୀ ଭଳି ପ୍ରତିଟି ମୁଖ୍ୟ ଅଂଶ ପର୍ଯ୍ୟନ୍ତ ବିସ୍ତାରିତ ହେବା ଆବଶ୍ୟକ । ଯଦିଓ ଏହି ଉପାଦାନଗୁଡ଼ିକ ପାଇଁ ବିଶ୍ୱର ଅନେକ ଦେଶ ଅନ୍ୟ ଉପରେ ନିର୍ଭର କରନ୍ତି, କିନ୍ତୁ ଭାରତକୁ ଏହି ଆହ୍ୱାନକୁ ସ୍ୱୀକାର କରି ନିଜସ୍ୱ ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ହେବ । ଏଥିସହିତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ରୋବୋଟିକ୍ସ ଓ ସିମୁଲେସନ୍ ପ୍ରଯୁକ୍ତିବିଦ୍ୟାକୁ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ସାମିଲ କରିବା ପାଇଁ ସେ ଶିଳ୍ପ ଜଗତକୁ ପରାମର୍ଶ ଦେଇଛନ୍ତି ।

# କତାର-ଇରାନ ମଧ୍ୟରେ ବଢ଼ିଲା ତିକ୍ତତା

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି):**ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ଏବେ ଏକ ନୂଆ ମୋଡ଼ ନେଇଛି । କାତାରର ଗୁରୁତ୍ୱପୂର୍ଣ୍ଣ ଗ୍ୟାସ ହବ୍ 'ରାସ ଲାଫାନ' ଉପରେ ଇରାନର ମିସାଇଲ ମାଡ଼ ପରେ କାତାର ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଘଟଣାର ମାତ୍ର କିଛି ଘଣ୍ଟା ମଧ୍ୟରେ କାତାର, ଇରାନର ସାମରିକ ଏବଂ ସୁରକ୍ଷା ଅଧିକାରୀମାନଙ୍କୁ 'ପର୍ସନା ନନ୍ ଗ୍ରାଟା' ଘୋଷଣା କରିବା ସହ ୨୪ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛି । କାତାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ବିବୃତ୍ତି ଅନୁଯାୟୀ, ଇରାନ ବାରମ୍ବାର କାତାରରେ ସାର୍ବଭୌମତ୍ୱ ଏବଂ ସୁରକ୍ଷାକୁ ଉଲ୍ଲଂଘନ କରୁଛି । ଏହି ମିସାଇଲ ମାଡ଼ ଆନ୍ତର୍ଜାତୀୟ ନିୟମ ଏବଂ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପ ସଂଖ୍ୟା ୨୮୧୭ ର ସ୍ପଷ୍ଟ ଉଲ୍ଲଂଘନ । ଇରାନର ଏଭଳି ଶତ୍ରୁତାପୂର୍ଣ୍ଣ ଆଚରଣକୁ କାତାର ଆଉ ସହ୍ୟ କରିବ ନାହିଁ ବୋଲି ସ୍ପଷ୍ଟ କରିଛି ।ରାସ ଲାଫାନ ଇଣ୍ଡଷ୍ଟ୍ରିଆଲ୍ ସିଟି ହେଉଛି କାତାରର ତଥା ବିଶ୍ୱର ଅନ୍ୟତମ ବୃହତ୍ତମ ଲିକୁଇଫାଇଡ୍ ନାଚୁରାଲ୍ ଗ୍ୟାସ ପ୍ରକ୍ରିୟାକରଣ କେନ୍ଦ୍ର । କାତାର ଏନର୍ଜି ପକ୍ଷରୁ କୁହାଯାଇଛି ଯେ, ଆକ୍ରମଣ ଯୋଗୁଁ ପ୍ଲାଣ୍ଟରେ ନିଆଁ ଲାଗିଯିବା ସହ ବହୁତ କ୍ଷୟକ୍ଷତି ହୋଇଛି । ତେବେ କୌଣସି ଜୀବନହାନି ହୋଇନାହିଁ । ଏହି ଆକ୍ରମଣ ପରେ ବିଶ୍ୱ ବଜାରରେ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଦେଇଛି, ଯାହାର ପ୍ରଭାବ ସିଧାସଳଖ ଶକ୍ତି ମୂଲ୍ୟ ଉପରେ ପଡ଼ିପାରେ ।

# ସମସ୍ତ ଜାତୀୟ ସମସ୍ୟାର ମୂଳ ନେହରୁ-ଗାନ୍ଧୀ ପରିବାର କିମ୍ବା କଂଗ୍ରେସ : ନିଶିକାନ୍ତ ଦୁବେ

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି):**ବିଜେପି ସାଂସଦ ନିଶିକାନ୍ତ ଦୁବେ ଗୁରୁବାର କଂଗ୍ରେସ ପାର୍ଟିକୁ ସମସ୍ତ ଜାତୀୟ ସମସ୍ୟାର ମୂଳ ବୋଲି କହି ତୀବ୍ର ସମାଲୋଚନା କରିଛନ୍ତି । ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗରେ ଦୁବେ ଏଏନ୍ଆଇକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇ କହିଛନ୍ତି, ୧୯ ମାର୍ଚ୍ଚ ୧୯୭୨ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ବାଂଲାଦେଶ ନେତା ଶେଖ ମୁଜିବର ରହମାନଙ୍କ ମଧ୍ୟରେ ଏକ ଗୁପ୍ତ ବୁଝାମଣା ହୋଇଥିଲା, ଯେଉଁଥିରେ କଂଗ୍ରେସ ବାଂଲାଦେଶୀ ଅନୁପ୍ରବେଶକାରୀ ଓ ବାଂଲାଦେଶ ନାଗରିକଙ୍କୁ ଏଠାକୁ ଆସିବାକୁ ପୂରା ଅନୁମତି ଦେଇଥିଲେ ।ଏହା ପଛରେ କଂଗ୍ରେସର ଭୋଟବ୍ୟାଙ୍କ ରାଜନୀତି ରହିଥିଲା । ଏହାକୁ ସେ କଂଗ୍ରେସର କଳା ଅଧ୍ୟାୟ ବୋଲି କହିଛନ୍ତି । ବିଜେପି ସାଂସଦ କହିଛନ୍ତି, ଆଜି ଦେଶରେ ଯେତିକି ବି ସମସ୍ୟା ରହିଛି, ସେସବୁର ମୂଳ କଂଗ୍ରେସ କିମ୍ବା ନେହରୁ-ଗାନ୍ଧୀ ପରିବାର । ନିଶିକାନ୍ତ ଦୁବେ କହିଛନ୍ତି, ସେ ଇତିହାସ ଓ ରାଜନୀତି ବିଷୟରେ ଅଧ୍ୟୟନ କରି ଏହା କହୁଛନ୍ତି । ଏହାକୁ ନେଇ ସେ ସାମାଜିକ ଗଣମାଧ୍ୟମରେ କଂଗ୍ରେସର କଳା କାରନାମା ନାମରେ ଏକ ସିରିଜ ଆରମ୍ଭ କରିଛନ୍ତି ।

# ଗ୍ୟାସ୍ ନାଁରେ ସାଇବର ଠକେଇ

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି):**ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଦେଶରେ ଗ୍ୟାସ୍ ସଙ୍କଟ ଦେଖାଦେଇଛି । ସୁବିଧାରେ ଗ୍ୟାସ୍ ପାଇବା ଲାଗି ଲୋକମାନେ ବିଭିନ୍ନ ପନ୍ଥା ଆପଣାଉଛନ୍ତି । ତାହା ସାଇବର ଅପରାଧୀମାନଙ୍କୁ ସୁଯୋଗ ଦେଇଛି । ଗ୍ୟାସ୍ ନାଁରେ ସେମାନେ ଠକେଇ କରିବାକୁ ଉଦ୍ୟମ କରୁଛନ୍ତି । ସେଭଳି ଠକାମିଠାରୁ ସତର୍କ ରହିବାକୁ କେନ୍ଦ୍ର ସରକାର ନାଗରିକମାନଙ୍କୁ ପରାମର୍ଶ ଦେଇଛନ୍ତି । ଅଜଣା ଫାଇଲ୍ ଓ ଆପ୍ଲିକେସନ ଡାଉନ୍ଲୋଡ୍ ଓ ଇନଷ୍ଟଲ୍କୁ ବାରଣ କରାଯାଇଛି । ଗ୍ୟାସ୍ ସଙ୍କଟ ଦୂର କରିବା ପାଇଁ ହୋଟେଲ୍, ରେଷ୍ଟୋରାଁ, କ୍ୟାଣ୍ଟିନ ଭଳି ବାଣିଜ୍ୟିକ ଅନୁଷ୍ଠାନଗୁଡ଼ିକୁ ପାଇପ୍ଡ ନାଚୁରାଲ୍ ଗ୍ୟାସ୍ (ପିଏନ୍ଜି) ସଂଯୋଗ ନେବାକୁ ସରକାର ପରାମର୍ଶ ଦେଇଛନ୍ତି । ଇତିମଧ୍ୟରେ ୫୬୦୦ରୁ ଅଧିକ ପିଏନ୍ଜି ସଂଯୋଗ ଦିଆଯାଇଥିବା ସୂଚନା ଦିଆଯାଇଛି । ପିଏନ୍ଜି ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଗ୍ୟାସ୍ ବିତରଣ କମ୍ପାନିଗୁଡ଼ିକୁ କୁହାଯାଇଛି । ପିଏନ୍ଜି ସଂଯୋଗ ବାଉଥିବା ରାଜ୍ୟମାନଙ୍କୁ ଅତିରିକ୍ତ ୧୦ ପ୍ରତିଶତ ବାଣିଜ୍ୟିକ ଏଲ୍ପିଜି ଆବଣ୍ଟନ କରାଯିବ । ପାଇପ୍ ଗ୍ୟାସ୍ ସଂଯୋଗ ସୁବିଧାରେ ପହଞ୍ଚାଇବା ପାଇଁ ରାଜ୍ୟମାନଙ୍କୁ ବିଭିନ୍ନ ପ୍ରକାର ଶୁଳ୍କ କମ୍ କରିବା, କାର୍ଯ୍ୟ ସମୟ କୋହଳ କରିବା ଓ ରାଜ୍ୟ ସ୍ତରରେ ନୋଡାଲ୍ ଅଫିସର ନିଯୁକ୍ତ କରିବାକୁ କୁହାଯାଇଛି ।



# ଭୁବନେଶ୍ୱରର ଲିପ୍ସା ଶତପଥୀ ଓ ତମସା ମିଶ୍ର ସ୍ୱିଗି 'ସି ଦ ଚେ' ୨୦୨୬ କାର୍ଯ୍ୟକ୍ରମରେ ସମ୍ମାନିତ

**ଭୁବନେଶ୍ୱର, ୧୯।୩ (ନି.ପ୍ର)** : ଭାରତର ରନ୍ଧନ କଳା ଓ ବ୍ୟବସାୟ ପରିଦୃଶ୍ୟକୁ ନୂଆ ରୂପ ଦେଉଥିବା ମହିଳାମାନଙ୍କୁ ସମ୍ମାନିତ କରିବା ପାଇଁ ଭାରତର ଅନ୍-ଡିମାଣ୍ଡ କନ୍‌ଭିନିଏନ୍ସ ପ୍ଲାଟଫର୍ମ ସ୍ୱିଗି ପକ୍ଷରୁ ନିକଟରେ ନୂଆଦିଲ୍ଲୀଠାରେ 'ସି ଦ ଚେ'ର ୨୦୨୬ ସଂସ୍କରଣର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବ୍ୟକ୍ତିଙ୍କ ମଧ୍ୟରେ ଭୁବନେଶ୍ୱରର ଲିପ୍ସା ଶତପଥୀ ଓ ତମସା ମିଶ୍ର ଅନ୍ତର୍ଭୁକ୍ତ ଅଛନ୍ତି। 'ଫ୍ରମ ଭିଜନ ଟୁ ଭେଂଚର' ଟ୍ୟାଗଲାଇନ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଓ ସ୍ୱିଗିର ସହ-ପ୍ରତିଷ୍ଠାତା, ଏମ୍‌ଡି ଓ ଗ୍ରୁପ ସିଇଓ ଶ୍ରୀହର୍ଷା ମାଜେଟି ଦୁଇଟି ବର୍ଗ ଯଥା ଏଂଟ୍ରପ୍ରେନ୍ୟୋର ଅଫ୍ ଦ ଇୟର ଓ ସେଫ୍ ଅଫ୍ ଦ ଇୟରରେ ଏଫଆଣ୍ଡବି ଇଣ୍ଡଷ୍ଟ୍ରୀର ୨୮ ଜଣ ମହିଳାଙ୍କୁ ସମ୍ମାନିତ କରିଛନ୍ତି। ଏହି ସମ୍ମାନଗୁଡିକ ରନ୍ଧନ କଳା କ୍ଷେତ୍ରରେ ଉଦ୍ଭାବନ ଓ ବ୍ୟବସାୟିକ ସଫଳତା ପ୍ରତି ସେମାନଙ୍କର ଅବଦାନକୁ ସ୍ୱୀକୃତି



ପ୍ରଦାନ କରିଛି । ଲିପ୍ସା ଓ ତମସା ଏକ ହୋମ୍ କିଚେନ ଭାବେ ଡିଡମ୍ପଲିଙ୍ଗ ଡାଇନାଷ୍ଟିର ଆରମ୍ଭ କରିଥିଲେ। ଆଜି ଡିଡମ୍ପଲିଙ୍ଗ ଡାଇନାଷ୍ଟି ଏକ ଲୋକପ୍ରିୟ ବ୍ରାଣ୍ଡରେ ପରିଣତ ହୋଇଛି। ଏହି ସମ୍ମାନ ପାଇବା ପରେ ଲିପ୍ସା କହିଛନ୍ତି, 'ମୁଁ ଭାରତୀୟ ଖାଦ୍ୟ ଥାଳିରେ କିଛି ସ୍ୱତନ୍ତ୍ରତା ଆଣିବାକୁ ଚାହୁଁଥିଲି। ଡମ୍ପଲିଙ୍ଗ ଅନେକ ସାଂସ୍କୃତିକ ପରମ୍ପରାର ଅଂଶ ଅଟେ, କିନ୍ତୁ ତାହାକୁ ମୁଖ୍ୟଧାରାର ଭାରତୀୟ କ୍ୟୁଏସଆରଗୁଡିକରେ ଖୁବ୍ କମ୍ ସାମିଲ କରାଯାଇଛି। ମଟନ ଓ ପ୍ରନ ମୋମୋ ସହିତ ଆମେ କେବଳ ଖାଦ୍ୟ ପରଷୁନାହୁଁ ବରଂ ଏକ କାହାଣୀ, ଏକ ବିରାସତ ଓ ଏକ ନୂତନ ସ୍ୱାଦ ଅନୁଭୂତି ଦେଉଛୁ।' ସି ଦ ଚେକୁ ଭାରତୀର ଖାଦ୍ୟ ଶିଳ୍ପର ଅନନ୍ୟ ପ୍ରତିଭାମାନଙ୍କୁ ଏକତ୍ରିତ କରିବା ପାଇଁ ସୃଷ୍ଟି କରାଯାଇଛି ଯାହା ଏଫଆଣ୍ଡବି କ୍ଷେତ୍ରରେ ମହିଳା ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱିଗିର ପ୍ରତିବଦ୍ଧତାକୁ ସୁଦୃଢ କରିଛି। ସ୍ୱିଗିର ପ୍ଲାଟଫର୍ମରେ ବର୍ତ୍ତମାନ ମହିଳାଙ୍କ ଦ୍ୱାରା ପରିଚାଳିତ ୭୦୦୦୦ ରେଷ୍ଟୁରାଂଟ ରହିଛି ଏବଂ ଆଭ୍ୟନ୍ତରୀଣ ଆକଳନ ମୁତାବକ, ଏହି ଉଦ୍ୟୋଗୀମାନେ ପ୍ରାୟ ୪୨୦,୦୦୦ ନିଯୁକ୍ତି ସୃଷ୍ଟି କରୁଥିବା ବେଳେ ପ୍ରତ୍ୟେକ ରେଷ୍ଟୁରାଂଟ ହାରାହାରି ୬ ଜଣ ପ୍ରତ୍ୟକ୍ଷ କର୍ମଚାରୀଙ୍କୁ ନିଯୁକ୍ତି ଦେଉଛନ୍ତି।

# ସିଆଇଆଇ ପକ୍ଷରୁ ଆୟୋଜିତ ହେବ ଓଡ଼ିଶା ମାଇନିଂ ଆଣ୍ଡ କନଷ୍ଟ୍ରକ୍ସନ ଇକ୍ୱିପମେଂଟ ଏକ୍ସପୋ ୨୦୨୬

**ଭୁବନେଶ୍ୱର, ୧୯।୩ (ନି.ପ୍ର)** : କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ 'ଓଡ଼ିଶା ମାଇନିଂ ଆଣ୍ଡ କନଷ୍ଟ୍ରକ୍ସନ ଇକ୍ୱିପମେଂଟ ଏକ୍ସପୋ' (ଓଏମସିଇ)୨୦୨୬ ର ପ୍ରଥମ ସଂସ୍କରଣ ଆୟୋଜିତ ହେବାକୁ ଯାଉଛି, ଯାହାକି ପୂର୍ବ ଭାରତରେ ଖଣି ଏବଂ ନିର୍ମାଣ ଉପକରଣ କ୍ଷେତ୍ର ପାଇଁ ଏକ ଉତ୍ସର୍ଗୀକୃତ ଶିଳ୍ପ ମଂଚ। ଏହି ତିନି ଦିନିଆ କାର୍ଯ୍ୟକ୍ରମ ୧୯ ରୁ ୨୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରର ବରମୁଣ୍ଡା ସ୍ଥିତ ବିଜୁ ପଟ୍ଟନାୟକ ପଡ଼ିଆଠାରେ ଅନୁଷ୍ଠିତ ହେବ। ଖଣି ଏବଂ ଭିତିଭୂମି ବ୍ୟବସ୍ଥାକୁ ରୂପା'ରିତ କରୁଥିବା ଅତ୍ୟାଧୁନିକ ଉଦ୍ଭାବନ ତଥା ବୈଷୟିକ ପ୍ରଗତିକୁ ପ୍ରଦର୍ଶନ କରିବା ପାଇଁ ଅଗ୍ରଣୀ ନିର୍ମାତା, ପ୍ରଯୁକ୍ତିବିଦ୍ୟା ଯୋଗାଣକାରୀ, ଠିକାଦାର, ଭିତିଭୂମି ବିକାଶକାରୀ, ନୀତି ନିର୍ଦ୍ଧାରକ ଏବଂ ପ୍ରମୁଖ ଶିଳ୍ପ ହିତାଧିକାରୀମାନଙ୍କୁ ଗୋଟିଏ ମଂଚରେ ଏକାଠି କରିବା ହେଉଛି ଓଏମସିଇ ୨୦୨୬ ର ମୂଳ ଲକ୍ଷ୍ୟ। ଆୟୋଜକ ରାଜ୍ୟ ଭାବରେ ଓଡ଼ିଶା ସରକାରଙ୍କ ସହଯୋଗ କ୍ରମେ ଏହି



କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ 'ଇଣ୍ଡିଆନ କନଷ୍ଟ୍ରକ୍ସନ ଇକ୍ୱିପମେଂଟ ମାନୁଫ୍ୟାକ୍ଚରର୍ସ ଆସୋସିଏସନ୍' (ଆଇସିଇଏମଏ) ଏହାର ସେକ୍ଟର ପାର୍ଟନର ରହିଛି। 'ଇଷ୍ଟର୍ଣ୍ଣ ଜୋନ ମାଇନିଂ ଆସୋସିଏସନ୍', 'ମାଇନିଂ ଇଂଜିନିୟର୍ସ ଆସୋସିଏସନ ଅଫ ଇଣ୍ଡିଆ', 'ବିଲ୍ଡର୍ସ ଆସୋସିଏସନ୍ ଅଫ ଇଣ୍ଡିଆ' ଏବଂ ସିଆଇଆଇ (ସିଆଇଆଇ) ର 'ମାଇନିଂ ଆଣ୍ଡ କନଷ୍ଟ୍ରକ୍ସନ ଇକ୍ୱିପମେଂଟ ଡିଭିଜନ' ସମେତ ବିଭିନ୍ନ ପ୍ରମୁଖ ଶିଳ୍ପ ସଂସ୍ଥା ମଧ୍ୟ ଏହି ଏକ୍ସପୋକୁ ସହଯୋଗ କରୁଛନ୍ତି। ଏଥି ସହିତ 'ଓଡ଼ିଶା ମେଟାଲ୍ ଏକ୍ସପୋ ୨୦୨୬' ମଧ୍ୟ ଓଏମସିଇ ୨୦୨୬ ସହିତ ଏକ ସହ-ପ୍ରଦର୍ଶନୀ ଭାବରେ ଆୟୋଜିତ ହେବ।

ଓଏମସିଇ ୨୦୨୬ ରେ ବିଶ୍ୱସ୍ତରୀୟ ତଥା ଭାରତୀୟ ଉପକରଣ ନିର୍ମାତାମାନଙ୍କର ଏକ ଚିତାକର୍ଷକ ସମାବେଶ ଦେଖିବାକୁ ମିଳିବ। କ୍ୟାଟରପିଲାର, ଜେସିବି, ଟାଟା ହିଟାଚି କନଷ୍ଟ୍ରକ୍ସନ୍ ମେସିନାରୀ, ସାନି, ଏକ୍ସସିଏମଜି, କୋବେଲକୋ କନଷ୍ଟ୍ରକ୍ସନ୍ ମେସିନାରୀ, ହୁଣ୍ଡାଇ କନଷ୍ଟ୍ରକ୍ସନ୍ ଇକ୍ୱିପମେଂଟ, ସାଣ୍ଡଭିକ, ୱିର୍ଟଗେନ୍ ଗ୍ରୁପ୍, ପୁଜୋଲାନା, ପ୍ରୋପେଲ୍ ଇଣ୍ଡଷ୍ଟ୍ରିଜ୍, କେସ୍ କନଷ୍ଟ୍ରକ୍ସନ୍ ଇକ୍ୱିପମେଂଟ, ଏସକର୍ଟସ୍ କୁବୋଟା, କନମାଟ୍ ସିଷ୍ଟମ୍ସ, ଆଜାକ୍ସ, ଡାଇନାପାକ୍, ଜେଏସଡବ୍ଲ୍ୟୁ ଗ୍ରୁପ, ହେଲଷ୍ଟୋନ ଇନୋଭେସନ୍ସ ଆଦି ଅଗ୍ରଣୀ ଶିଳ୍ପ ସଂସ୍ଥାଗୁଡ଼ିକ ଏଥିରେ ଭାଗ ନେବେ ଏବଂ ବୃହତ୍ ଉପକରଣ ପ୍ରଦର୍ଶନ ତଥା ଲାଇଭ ଡେମୋନଷ୍ଟ୍ରେସନ କରିବେ।

ଏହି ଏକ୍ସପୋରେ ୧୫୦ରୁ ଅଧିକ ପ୍ରଦର୍ଶକ ଭାଗ ନେବେ ଏବଂ ଖଣି, ନିର୍ମାଣ, ଭିତିଭୂମି ତଥା ଉପକରଣ ନିର୍ମାଣ କ୍ଷେତ୍ରରୁ ୧୦,୦୦୦ ରୁ ଅଧିକ ବ୍ୟବସାୟିକ ଦର୍ଶକ ଏଥିରେ ସାମିଲ ହେବାର ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ବି୨ବି ଏବଂ ବି୨ଜି ବୈଠକର ସୁବିଧା ମଧ୍ୟ ଉପଲବ୍ଧ ହେବ, ଯାହାକି ପାରସ୍ପରିକ ଯୋଗାଯୋଗ, ସହଭାଗୀତା ଏବଂ ବ୍ୟବସାୟିକ ସହଯୋଗ ପାଇଁ ବହୁମୂଲ୍ୟ ସୁଯୋଗ ସୃଷ୍ଟି କରିବ। ଶିଳ୍ପ ଏବଂ ସରକାରଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଓଏମସିଇ ୨୦୨୬ ଏକ ରଣନୀତିକ ମଂଚ ଭାବରେ ମଧ୍ୟ କାର୍ଯ୍ୟ କରିବ, ଯାହାକି ନୀତି ନିର୍ଦ୍ଧାରକ, ଶିଳ୍ପ ଜଗତର ନେତୃବୃନ୍ଦ, ଠିକାଦାର ଏବଂ ପ୍ରଯୁକ୍ତିବିଦ୍ୟା ଯୋଗାଣକାରୀଙ୍କ ମଧ୍ୟରେ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବ।

# ଆକ୍ସିସ ବ୍ୟାଙ୍କ ପକ୍ଷରୁ କଲେକ୍ସନ କଲର ଏଆଇ ନିରୀକ୍ଷଣର ଶୁଭାରମ୍ଭ

**ଭୁବନେଶ୍ୱର, ୧୯।୩ (ନି.ପ୍ର)** : ଭାରତର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନି (ଏନବିଏଫସି) ଆକ୍ସିସ ଫାଇନାନ୍ସ ଲିମିଟେଡ (ଏଏଫଏଲ) ପକ୍ଷରୁ ଏହାର କଲେକ୍ସନ କଲଗୁଡ଼ିକର ନିରୀକ୍ଷଣ ପାଇଁ ଏକ ସମ୍ପୂର୍ଣ୍ଣ ଏଆଇ ଆଧାରିତ ଫ୍ରେମୱର୍କ ଶୁଭାରମ୍ଭ ଘୋଷଣା କରାଯାଇଛି। ଏହାର ଲକ୍ଷ୍ୟ ହେଉଛି ଗ୍ରାହକ ସୁରକ୍ଷାରେ ଉନ୍ନତି ଆଣିବା, ନିୟମ ପାଳନକୁ ସୁଦୃଢକରିବା ଏବଂ ଏକ ସ୍ୱଚ୍ଛ, ଉଚିତ ଓ ଦାୟିତ୍ୱ ସମ୍ପନ୍ନ ଯୋଗାଯୋଗ ବ୍ୟବସ୍ଥାସୃଷ୍ଟିକରିବା।

ଋଣ ପ୍ରଦାନ ପ୍ରକ୍ରିୟା ମଧ୍ୟରେ କଲେକ୍ସନ କଲ୍ ବା ଟଙ୍କା ସଂଗ୍ରହ ପାଇଁ କରାଯାଉଥିବା କଲ୍ ଗୁଡ଼ିକ ଅତ୍ୟ' ଗୁରୁତ୍ୱପୂର୍ଣ୍ଣ। ଏହି ନୂତନ ବ୍ୟବସ୍ଥା ଦ୍ୱାରା, ବର୍ତ୍ତମାନ ସମସ୍ତ ଆଉଟବାଉଣ୍ଡ କଲେକ୍ସନ କଲ୍‌ର ନିରୀକ୍ଷଣ, ବିଶ୍ଳେଷଣ ଏବଂ ମୂଲ୍ୟାଙ୍କନ କରାଯାଉଛି, ଯାହାଦ୍ୱାରା ଗ୍ରାହକଙ୍କ ସହ କଥାବାର୍ତ୍ତା ସଠିକ୍, ସମ୍ମାନଜନକ ଏବଂ ସୁସଙ୍ଗତ ହେବା ସହିତ ଦାୟିତ୍ୱପୂର୍ଣ୍ଣ ସଂଗ୍ରହ ପ୍ରଣାଳୀ ଓ ଆଭ୍ୟନ୍ତରୀଣ ଶାସନ ମାନକ ଅନୁଯାୟୀ ହୋଇପାରିବ। ଏହି ପରିବର୍ତ୍ତନ ସୀମିତ ମାନୁଆଲ୍ କଲ୍ ଯାଞ୍ଚ ବଦଳରେ ଟେକ୍ନୋଲୋଜି-ଆଧାରିତ ବ୍ୟାପକ ମନିଟରିଂ ବ୍ୟବସ୍ଥାକୁ ପ୍ରତିଷ୍ଠିତ କରୁଛି, ଯାହା ଗ୍ରାହକଙ୍କ ସହ ହେଉଥିବା ପ୍ରତ୍ୟେକ ବାର୍ତ୍ତାଳାପ ଉପରେ ଏକ ଦୃଢ଼ ଏବଂ

AXIS FINANCE

ନିରନ୍ତର ପର୍ଯ୍ୟବେକ୍ଷଣ କରିବାରେ ସହାୟକ ହେବ।

ଏହି ଏଆଇ ଆଧାରିତ ଫ୍ରେମୱର୍କ ଗ୍ରାହକଙ୍କ ସହ ବାର୍ତ୍ତାଳାପର ଏକ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରିବ ଯାହା ଫଳରେ ପରବର୍ତ୍ତୀ ବାର୍ତ୍ତାଳାପକୁ ଉପଯୁକ୍ତ କରାଯାଇପାରିବ। ମାନକ ଆଧାରିତ ଯୋଗାଯୋଗ, ନିୟମ ଅଧୀନ ଓ ଆଚରଣ ଆଧାରିତ ତଥା ଉଚ୍ଚ ମାନର ଗ୍ରାହକ ବାର୍ତ୍ତାଳାପକୁ ଏହା ସକ୍ଷମ କରିବ ଏବଂ ବାରମ୍ବାର ଯୋଗାଯୋଗ ପରିମାଣ କମ୍ କରି ସମଗ୍ର କଲେକ୍ସନ ପ୍ରକ୍ରିୟା ସ୍ୱଚ୍ଛତାରେ ଏହା ଉନ୍ନତିଆଣିବ।

ସୀମିତ କଲ୍ ଯାଞ୍ଚ ପରିବର୍ତ୍ତେ ବ୍ୟାପକ କଲ୍ କଭରେଜ୍ ଆପଣେଇବା ଦ୍ୱାରା, ଆକ୍ସିସ୍ ଫାଇନାନ୍ସ ଗ୍ରାହକଙ୍କ ସହ ହେଉଥିବା ବାର୍ତ୍ତାଳାପ କ୍ଷେତ୍ରରେ ଉତ୍ତରଦାୟିତ୍ୱ ଏବଂ ନିରୀକ୍ଷଣକୁ ଯଥେଷ୍ଟ ସୁଦୃଢ଼ କରିଛି। ଏହି ବ୍ୟବସ୍ଥାଟି ମୁଖ୍ୟତଃ ଶାସନ ଏବଂ ଅନୁପାଳନ ପ୍ରତି ପ୍ରାଥମିକତା ଦେଇ ପ୍ରସ୍ତୁତ କରାଯାଇଛି, ଯାହା ଦାୟିତ୍ୱପୂର୍ଣ୍ଣ ସଂଗ୍ରହ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବା ସହ ଗ୍ରାହକ ସୁରକ୍ଷାକୁ ଅଧିକ ମଜବୁତ କରୁଛି।ଯଦି କୌଣସି କଲ୍‌ରେ ନିର୍ଦ୍ଧାରିତ ଆଚରଣରୁ ବିଚ୍ୟୁତି ପରିଲକ୍ଷିତ ହୁଏ, ତେବେ ସେଗୁଡ଼ିକୁ ଚିହ୍ନଟ କରାଯାଇ ଏକ ସୁବ୍ୟବସ୍ଥିତ ସମୀକ୍ଷା ପ୍ରକ୍ରିୟା ମାଧ୍ୟମରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଯାଉଛି। ଏହାଦ୍ୱାରା ଆବଶ୍ୟକ ସ୍ଥଳେ ତୁରନ୍ତ ଏବଂ ଉପଯୁକ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯାଇପାରୁଛି।

ଏହି ଅଭିଯାନ ଏକ ଅଧିକ ସମାନ ଓ ବିଶ୍ୱାସଯୋଗ୍ୟ ଗ୍ରାହକ ଅନୁଭୂତିକୁ ସମର୍ଥନ କରୁଛି। ନିରୀକ୍ଷଣ କରାଯାଉଥିବା ବାର୍ତ୍ତାଳାପର ସୂଚନା ଗ୍ରାହକମାନେ ବାରମ୍ବାର କରୁଥିବା ଅଭିଯୋଗ କମ କରିବା ଏବଂ ପରିଶୋଧ ବାର୍ତ୍ତାଳାପକୁ ସୁଗମ କରିବାରେ ସହାୟକ ହେବ। ଏକ ଲାଇଭ ଓ ଉଚ୍ଚ ପରିମାଣର କଲେକ୍ସନ ପରିବେଶରେ ଏହି ଏଆଇ ଆଧାରିତ ଫ୍ରେମୱର୍କକୁ ମୂତୟନ କରାଯାଇଛି।

ଏହି ଅଭିଯାନ ସମ୍ପର୍କରେ ଆକ୍ସିସ ଫାଇନାନ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ସାଇ ଗିରିଧର କହିଛନ୍ତି ଯେ, 'ଆକ୍ସିସ ବ୍ୟାଙ୍କରେ ଆମେ ଦାୟିତ୍ୱବାନ ଓ ସ୍ୱଚ୍ଛ ଅଭ୍ୟାସ ଜରିଆରେ ଗ୍ରାହକ ବିଶ୍ୱାସ ସୁଦୃଢ଼ କରିବାକୁ ପ୍ରତିବଦ୍ଧ ରହିଛୁ। ଏଆଇ ଆଧାରିତ ନିରୀକ୍ଷଣ ଫ୍ରେମୱର୍କର ଶୁଭାରମ୍ଭ ପ୍ରତିଟି ବାର୍ତ୍ତାଳାପକୁ ଉଚିତ, ସ୍ୱଚ୍ଛତା ଓ ସମାନର ସହ କରାଯିବାକୁ ନିଶ୍ଚିତ କରୁଛି। ଆମ ସମଗ୍ର ପ୍ରକ୍ରିୟାରେ ପ୍ରଶାସନକୁ ଦୃଢ଼ କରିବାରେ ପ୍ରଯୁକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଜାରି ରହିବ ଏବଂ ଏହି ଅଭିଯାନ ଗ୍ରାହକ କୈନ୍ଦ୍ରିକ, ନିୟମ ଆଧାରିତ ଓ ଉତ୍ତମ ନିରୀକ୍ଷଣ ଆଧାରିତ ପରିଚାଳନା ଗଠନ କରିବାରେ ଆମ ଗୁରୁତ୍ୱକୁ ସମର୍ଥନ କରିବ।''

ଏହା ହେଉଛି ଦାୟିତ୍ୱବାନ ଋଣ ପ୍ରଦାନ, ଗ୍ରାହକ ପ୍ରଥମ ପରିଚାଳନା ଓ ପ୍ରଶାସନ ଆଧାରିତ ପ୍ରକ୍ରିୟା ପାଇଁ ଆକ୍ସିସ ଫାଇନାନ୍ସର ରହିଥିବା ବ୍ୟାପକ ପ୍ରତିବଦ୍ଧତାର ଏକ ଅଂଶ ଏବଂ ଗ୍ରାହକ ସମ୍ମୁଖ କାର୍ଯ୍ୟକଳାପରେ ପ୍ରଯୁକ୍ତି ଆଧାରିତ ନିରୀକ୍ଷଣକୁ ଏହା ସମର୍ଥନ କରୁଛି।

# ଏଥେନ୍ସ ଅନ୍ତର୍ଜାତୀୟ ଉସୁ ଟୁର୍ଣ୍ଣାମେଣ୍ଟରେ ଭାରତ ପାଇଁ ପଦକ ଆଣିଲେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ୨ କ୍ରୀଡ଼ାବିତ

## ଶିବାନୀଙ୍କୁ ସ୍ୱର୍ଣ୍ଣ ଓ ମଞ୍ଜୁଙ୍କୁ ରୌପ୍ୟ

**ଯୋଡ଼ା, ୧୯।୩ (ନି.ପ୍ର)** : ଏଥେନ୍ସ ଆକ୍ରୋପଲିସ ଅନ୍ତର୍ଜାତୀୟ ଉସୁ ଓପନ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଭାରତ ପାଇଁ ପଦକ ଜିତିଛନ୍ତି ବଡ଼ବିଲ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଦୁଇ କ୍ରୀଡ଼ାବିତ। ଏଥିରେ ୧୪ ବର୍ଷରୁ କମ ୩୯ କେଜି ବର୍ଗରେ ଶିବାନୀ ମୁଣ୍ଡା ଫ୍ରାନ୍ସର ପ୍ରତିଯୋଗୀଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ୪୮ କେଜି ବରିଷ୍ଠ ମହିଳା ବର୍ଗରେ ମଞ୍ଜୁ ମୁଣ୍ଡା ରୌପ୍ୟ ପଦକ ଜିତିଛନ୍ତି। କେନ୍ଦୁଝର ଜିଲ୍ଲା ଉସୁ ଆସୋସିଏସନ ଏବଂ ଉସୁ ଆସୋସିଏସନ ଅଫ୍ ଓଡ଼ିଶା ସହଭାଗିତାରେ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଉସୁକୁ ପ୍ରୋତ୍ସାହିତ କରାଯାଉଛି। ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନର ପ୍ରୋତ୍ସାହନରେ ସୋୟାବାଲିରେ ଏକ ସ୍ପୋର୍ଟସ ହଷ୍ଟେଲ ପ୍ରତିଷ୍ଠିତ ହୋଇଛି। ୬୦ ଶଯ୍ୟା ବିଶିଷ୍ଟ ଏହି ହଷ୍ଟେଲରେ ପିଲା ରହି ପାଠ ପଢ଼ିବା ସହ ତାଲିମ ନେଉଛନ୍ତି।



ଉଭୟ ଶିକ୍ଷା ଓ କ୍ରୀଡ଼ାରେ ଉତ୍କର୍ଷ ପାଇଁ ଫାଉଣ୍ଡେସନ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଦିଆଯାଉଛି।

ସେହିପରି କେନ୍ଦୁଝର ଜିଲ୍ଲା ସିଆଳିଯୋଡ଼ାଠାରେ ଉନ୍ନତମାନର ଉସୁ ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ ଖୋଲିଛି। ଏଠାରେ ୩୫୦ଜଣ ଯୁବକ ଯୁବତୀ ପ୍ରଶିକ୍ଷଣ ନେଉଛନ୍ତି। ଜିନ୍ଦଲ ଷ୍ଟିଲର ଅଧକ୍ଷ ତଥା ମାନ୍ୟବର କୁରୁକ୍ଷେତ୍ର ସାଂସଦ ଶ୍ରୀ ନବୀନ ଜିନ୍ଦଲଙ୍କ ମାର୍ଗଦର୍ଶନ ଓ ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫାଉଣ୍ଡେସନ ସ୍ଥାନୀୟ ଅଞ୍ଚଳର ପ୍ରତିଭାଙ୍କ ଅନ୍ୱେଷଣଠାରୁ ଆରମ୍ଭ କରି ସେମାନଙ୍କ ସାମଗ୍ରିକ ବିକାଶ କ୍ଷେତ୍ରରେ ନିରନ୍ତର ଭାବେ କାର୍ଯ୍ୟ କରିଆସୁଛି। କଠିନ ପରିଶ୍ରମ, ନିଷ୍ଠା ଓ ପ୍ରୋତ୍ସାହନ ଯୋଗୁ ଆଜି ଏହି ଗ୍ରାମୀଣ ଅଞ୍ଚଳର ପିଲାମାନେ ବୈଶ୍ୱିକ ମାନ୍ୟତା ଅର୍ଜନ କରିଛନ୍ତି। କେବଳ ଉସୁ ନୁହେଁ ଫାଉଣ୍ଡେସନ ପକ୍ଷରୁ ଦେଶର ୪୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ହକି, ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟ ଖେଳିବାକୁ ପ୍ରୋତ୍ସାହିତ କରାଯାଉଛି।

# ଯୋଡ଼ା ରେ ଶାନ୍ତି କମିଟି ବୈଠକ

**ଯୋଡ଼ା, ୧୯।୩ (ନି.ପ୍ର):** କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳରେ ବିଭିନ୍ନ ପର୍ବର୍ବାଣୀରେ ଜେମିତି ସମସ୍ତ ଜନସାଧାରଣ ଅତି ସୁନ୍ଦର ଭାବରେ ପଳାନ କରିବେ ଏକ ସୋହାର୍ଦ୍ଦ୍ୟ ପୂର୍ଣ୍ଣ ପରିବେଶ ରେ ସମସ୍ତେ ଏହି ପର୍ବ ପର୍ବାଣୀ ଗୁଡିକ ପାଳନ କରିବେ ତାହା ଉପରେ ପ୍ରସାଶନିକ ଅଧିକାରୀ ବିଭିନ୍ନ ପରାମର୍ଶ ଦେଇଥିଲେ।



ଆଜି ର ଶାନ୍ତି କମିଟି ବୈଠକ ଉଭୟ ସଂପ୍ରଦାୟ ମଧ୍ୟରେ ୨୧ତାରିଖ ଇଦ୍ ଓ ୨୭ ତାରିଖ ଶ୍ରୀରାମ ନବମୀ ପାଇଁ ପ୍ରଶାସନ ପକ୍ଷରୁ ଯୋଡ଼ା ମ୍ୟୁନିସିପାଲିଟି କନଫରେନ୍ସ ହଲରେ ହେଇଥିଲା। ଉଭୟ ସମ୍ପ୍ରଦାୟ ରୁ ମୁଖ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାରେ ସମାପନ କରିବାକୁ ସହମତି ପ୍ରକାଶ କରିଥିଲେ। ଏହି ବୈଠକ ରେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ନାଥ ପିଂଗୁଆ, ତହସିଲ ଦାର ରାକେଶ ପଣ୍ଡା, ବିଡ଼ିଓ ଦାନିସ ବେହେରା, ମ୍ୟୁନିସିପାଲିଟି ଇଓ ସ୍ୱତପଦ୍ମା ଧଳ, ଆଇଆଇସି ଯୋଡ଼ା ପ୍ରସାନ୍ତ କୁମାର ସାମଲ ଉପସ୍ଥିତ ଥିଲେ।

# ଆସନ୍ତା ସପ୍ତାହରେ ସାମସଙ୍ଗ ଭାରତରେ ଗାଲାକ୍ସି ଏ୫୭, ଗାଲାକ୍ସି ଏ୩୭ର ଲଞ୍ଚ କରିବ

**ଭୁବନେଶ୍ୱର, ୧୯।୩ (ନି.ପ୍ର) :** ସାମସଙ୍ଗ ଭାରତରେ ତାର ପରବର୍ତ୍ତି ପିଢ଼ୀର ଗାଲାକ୍ସି ଏ ଶୃଙ୍ଖଳ ସ୍ମାର୍ଟଫୋନ ଶୁଭାରମ୍ଭ କରିବାକୁ ଯାଉଛି । ଏହି ନୂତନ ସ୍ମାର୍ଟଫୋନ ଗାଲାକ୍ସି ଏ ୫୭ ୫ଏ ଏବଂ ଗାଲାକ୍ସି ଏ ୩୭ ୫ଏ ଆସନ୍ତା ସପ୍ତାହ ସୁଦ୍ଧା ବଜାରକୁ ଆସିପାରେ। ଏହି ନୂତନ ସ୍ମାର୍ଟଫୋନ ଗୁଡିକର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ଉନ୍ନତ କ୍ୟାମେରା କ୍ଷମତା ଯାହା କମ୍ ଆଲୋକରେ ମଧ୍ୟ ଚମତ୍କାର ଫଟୋ ଉଠାଇବାରେ ସାହାର୍ଯ୍ୟ କରିବ। ଏହି ଦୁଇଟି ଯାକ ଫୋନରେ ଏଆଇ ସୁବିଧା ମିଳିବାର ସମ୍ଭାବନା ରହିଛି । ଯାହାକୁ ସାମସଙ୍ଗ 'ବିସ୍ମୟକର ବୁଦ୍ଧିମତା' ବୋଲି କହୁଛି ।

ଗାଲାକ୍ସି ଏ୫୭ ୫ଏ ଏବଂ ଗାଲାକ୍ସି ଏ୩୭ ୫ଏ ଧୂଳି ଏବଂ ପାଣିରୁ ସୁରକ୍ଷା ପାଇଁ ଆଇପି ୬୮ର ସ୍ଥାୟୀତ୍ୱ ରେଟିଙ୍ଗ ସହିତ ଶୁଭାରମ୍ଭ ହୋଇପାରେ। ସଫ୍ଟୱେୟାର ସମର୍ଥନକାରୀତାକୁ ନେଇ ତଥା ସାମସଙ୍ଗ ଗାଲାକ୍ସି ସ୍ମାର୍ଟଫୋନର ପରମ୍ପରା ଅନୁଯାୟୀ ଏଥିରେ ଦୀର୍ଘକାଳୀନ ସୁରକ୍ଷା ଅପଡେଟ ଏବଂ ଓଏସ ଅପଗ୍ରେଡ ମିଳିବାର ସମ୍ଭବନା ଅଛି । ସୁରକ୍ଷା ପ୍ରବନ୍ଧକୁ ନେଇ ଆଜିର ଏହି ଏଆଇ ଯୁଗରେ ଉନ୍ନତ ତଥ୍ୟ ସୁରକ୍ଷା ପାଇଁ ଗାଲାକ୍ସି ଏ ୫୭ ୫ଏ ଏବଂ ଗାଲାକ୍ସି ଏ ୩୭ ୫ଏ ସାମସଙ୍ଗ ନକ୍ସ ଭଲ୍ଟ ଭଳି ହାର୍ଡୱେୟାର ଆଧାରିତ ଜ୍ଞାନକୌଶଳ ରହିବ। ଉଭୟ ଗାଲାକ୍ସି ଏ ୫୭ ୫ଏ ଏବଂ ଗାଲାକ୍ସି ଏ ୩୭ ୫ଏରେ ସଂଯୋଗକାରୀତାର ଭଲ ଦକ୍ଷତା ପାଇଁ ଏଥିରେ ଅପଗ୍ରେଡ଼େଡ଼ ପ୍ରୋସେସର ୱାଇ ଫାଇ ୬ର ଏବଂ ବ୍ଲୁ ଟୁଥ ୬ ର ସୁବିଧା ମିଳିପାରେ। ଏହି ନୂତନ ଉପକରଣ ଗୁଡ଼ିକ ସାଧାରଣ ଗ୍ରାହକଙ୍କୁ ସ୍ୱଳ୍ପ ମୂଲ୍ୟରେ ପ୍ରିମିୟମ ସୁବିଧା ଗୁଡ଼ିକ ଯୋଗାଇଦେବା ପାଇଁ ସାମସଙ୍ଗର ରଣନୀତିକୁ ପ୍ରମାଣିତ କରୁଛି। ସୂଚନାଯୋଗ୍ୟ ଯେ ଭାରତରେ ସାମସଙ୍ଗର ଗାଲାକ୍ସି ଏ ଶୃଙ୍ଖଳ ଅତ୍ୟନ୍ତ ଲୋକପ୍ରିୟ ଏବଂ ଏ ପର୍ଯ୍ୟନ୍ତ ଦେଶରେ ଏହାର ପ୍ରାୟ ୧୦୦ ମିଲିୟନ ବା ୧୦ କୋଟି ୟୁନିଟ୍ ବିକ୍ରି ହୋଇ ସାରିଛି ।

# ଜିଓ ପେମେଣ୍ଟସ୍ ବ୍ୟାଙ୍କ ପକ୍ଷରୁ ୟୁପିଆଇ-ଆଧାରିତ ନଗଦ ଉଠାଣ ସେବା ଆରମ୍ଭ

**ମୁମ୍ବାଇ, ୧୯।୩ (ନି.ପ୍ର) :** ଜିଓ ପେମେଣ୍ଟସ୍ ବ୍ୟାଙ୍କ ଲିମିଟେଡ୍ ପକ୍ଷରୁ ଏକ ୟୁପିଆଇ-ଆଧାରିତ ନଗଦ ଉଠାଣ ସେବା ଆରମ୍ଭ ନେଇ ଘୋଷଣା କରିଛି। ଏହି ସେବା ଅଧୀନରେ, ଗ୍ରାହକମାନେ ଏବେ ବ୍ୟବସାୟ ପ୍ରତିନିଧି (ବିଜିନେସ କରେସପଣ୍ଡେଣ୍ଟ) ଟଚ୍ ପଏଣ୍ଟରେ କ୍ୟୁଆର କୋଡ୍ ସ୍କାନ କରି ନଗଦ ଉଠାଣ କରିପାରିବେ। ଏହାର ଅର୍ଥ ହେଉଛି ଗ୍ରାହକମାନେ ଡେବିଟ୍ କାର୍ଡ କିମ୍ବା ପାରମ୍ପରିକ ଏଟିଏମ ଉପଲବ୍ଧ ନଥିଲେ ମଧ୍ୟ ସେମାନଙ୍କ ଟଙ୍କା ଉଠାଇପାରିବେ।

ଜିଓ ପେମେଣ୍ଟସ୍ ବ୍ୟାଙ୍କ ଅନୁଯାୟୀ, ଏହି ନୂତନ ସେବା ବିଶେଷ ଭାବରେ ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳର ଗ୍ରାହକମାନଙ୍କୁ ଧ୍ୟାନରେ ରଖି ଆରମ୍ଭ କରାଯାଇଛି, ଯେଉଁ ଅଞ୍ଚଳରେ ଏଟିଏମ ଉପଲବ୍ଧତା ସୀମିତ ରହିଛି। ଗ୍ରାହକମାନେ ସେମାନଙ୍କର ୟୁପିଆଇ ଆପ୍ ମାଧ୍ୟମରେ କାରବାରକୁ ଅନୁମୋଦନ କରି ସହଜରେ ନଗଦ ଉଠାଣ କରିପାରିବେ। ଜିଓ ପେମେଣ୍ଟସ୍ ବ୍ୟାଙ୍କ ପକ୍ଷରୁ ପ୍ରକାଶ କରାଯାଇଛି ଯେ କାର୍ଡଲେସ୍ ନଗଦ ଉଠାଣ ସୁବିଧା ଡିଜିଟାଲ୍ ପେମେଣ୍ଟ ଏବଂ ନଗଦ ବ୍ୟବହାର ମଧ୍ୟରେ ରହିଥିବା ଦୂରତାକୁ ହ୍ରାସ କରିବ, ଏବଂ ପ୍ରଥମ ଥର ପାଇଁ ଡିଜିଟାଲ୍ ପେମେଣ୍ଟ ଗ୍ରହଣ କରୁଥିବା ଉପଭୋକ୍ତାମାନଙ୍କୁ ଏକ ସୁରକ୍ଷିତ ଏବଂ ସହଜ ୟୁପିଆଇ ଅନୁଭୂତି ପ୍ରଦାନ କରିବ।

ବ୍ୟାଙ୍କ ଅନୁଯାୟୀ ଏହାର ଡିଜିଟାଲ୍ ପେମେଣ୍ଟ ଭିତ୍ତିଭୂମି ଏବଂ ଶେଷ-ମାଇଲ୍ ବ୍ୟବସାୟ ପ୍ରତିନିଧି ନେଟୱାର୍କକୁ ଉପଯୋଗ କରି, ଏହି ପଦକ୍ଷେପ ସାରା ଦେଶରେ ବ୍ୟାଙ୍କିଂ ସେବାକୁ ପହଞ୍ଚାଇବା, ନଗଦ-ନିର୍ଭରଶୀଳ ବର୍ଗଙ୍କ ପାଖରେ ୟୁପିଆଇ ଉପଲବ୍ଧ କରାଇବା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ହୋଣ୍ଡା ତପୁକାରା ପ୍ଲାଣ୍ଟରେ ନୂଆ ଲାଇନ୍ ସହିତ ଭାରତରେ ଦୁଇ-ଚକିଆ ଯାନ ଉତ୍ପାଦନ କ୍ଷମତାକୁ ପରିବର୍ଦ୍ଧିତ କରିଛି

**ତପୁକାରା (ରାଜସ୍ଥାନ), ୧୯।୩ (ନି.ପ୍ର):** ହୋଣ୍ଡାର ଭାରତରେ ମୋଟରସାଇକଲ ଉତ୍ପାଦନ ଓ ବିକ୍ରୟ ସହଯୋଗୀ କମ୍ପାନୀ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଏଚଏମ୍ଏସଆଇ) ଦେଶରେ ଦୁଇ-ଚକିଆ ଯାନଗୁଡିକର ବର୍ଦ୍ଧିତ ଓ ବିବିଧ ଚାହିଦା ପୂରଣ କରିବା ପାଇଁ ନିଜର କ୍ଷମତା ସମ୍ପ୍ରସାରଣକୁ ଆଗେଇ ନେଉଛି। ଏଚଏମ୍ଏସଆଇ ରାଜସ୍ଥାନର ଅଲୱାର ଜିଲ୍ଲା ଅନ୍ତର୍ଗତ ତପୁକାରା ପ୍ଲାଣ୍ଟରେ ଏକ ନୂଆ ତୃତୀୟ ଉତ୍ପାଦନ ଲାଇନ୍ ସ୍ଥାପନ କରିବା ସହିତ ଏହାର ଉତ୍ପାଦନ କ୍ଷମତାରେ ବୃଦ୍ଧି ଘଟାଉଛି। ନିୟୁତ ନିୟୁତ ଭାରତୀୟଙ୍କୁ ଆତ୍ମବିଶ୍ୱାସର ସହିତ ସେମାନଙ୍କର ଆକାଂକ୍ଷା ହାସଲ ନିମନ୍ତେ ସଶକ୍ତ କରିବା ଲକ୍ଷ୍ୟରେ ଏହି ଉଲ୍ଲେଖନୀୟ ପଦକ୍ଷେପ ଏଚଏମ୍ଏସଆଇର 'ଦ ପାୱର ଅଫ୍ ଡ୍ରିମ୍ସ୍' (ସ୍ୱପ୍ନର ଶକ୍ତି)ର ଅକୁଣ୍ଠ ପ୍ରତିଶ୍ରୁତି ସମ୍ପର୍କରେ ଉଲ୍ଲେଖ କରୁଛି। ତପୁକାରାରେ ନୂତନ ଉତ୍ପାଦନ ଲାଇନ୍ ୨୦୨୮ରୁ କାର୍ଯ୍ୟକ୍ଷମ ହେବା ଯୋଜନା ରହିଛି ଏବଂ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୬,୭୦,୦୦୦ ୟୁନିଟ୍ ହେବ। ଏହା ଯୋଗହେବା ସହିତ ଦ୍ୱିତୀୟ କାରଖାନାର ଉତ୍ପାଦନ କ୍ଷମତା ବର୍ଷକୁ ୨.୦୧ ନିୟୁତ ୟୁନିଟ୍‌କୁ ବୃଦ୍ଧିପାଇବ। ଏହା ମଧ୍ୟ ୨୦୦୦ରୁ ଅଧିକ ଲୋକଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ, ଯାହା ଉକ୍ତ ଅଞ୍ଚଳର ବିକାଶ ପ୍ରତି ପୁନଃ ଅବଦାନ ରଖିବ। କ୍ଷମତା ସମ୍ପ୍ରସାରଣ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ସୁସୁମୁ ଓତାନି, ପ୍ରେସିଡେଣ୍ଟ ଓ ସିଇଓ, ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ, କହିଥିଲେ, 'ଭାରତ ଗମନାଗମନ ରୂପାନ୍ତରଣ କ୍ଷେତ୍ରରେ ଏକ ନୂଆ ପର୍ଯ୍ୟାୟକୁ ପ୍ରବେଶ କରୁଛି ଏବଂ ଏଚଏମ୍ଏସଆଇ ଦାୟିତ୍ୱସମ୍ପନ୍ନତା ଓ ଉଦ୍ଦେଶ୍ୟ ଆଧାରରେ ଏହି ଯାତ୍ରାର ନେତୃତ୍ୱ ନେବାକୁ ପ୍ରତିବଦ୍ଧ ରହିଛି। ତପୁକାରାରେ ଆମର ଉତ୍ପାଦନ ପରିବ୍ୟବସ୍ଥାକୁ ସୁଦୃଢ କରିବା ଆମର ସମୁଦାୟ ଯୋଗାଣ ଶୃଙ୍ଖଳାରେ ଏକ ବୃହତ୍ତର ମଜଭୁତପଣ ନିର୍ମାଣ, ନମନୀୟତା ଏବଂ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି। ଏହି ସମ୍ପ୍ରସାରଣ ଆମକୁ ବଜାର ଚାହିଦାକୁ ସଫଳତାର ସହିତ ସାମ୍ନା କରିବା ଏବଂ ନିୟୁତାଧିକ ଗ୍ରାହକଙ୍କ ଆକାଂକ୍ଷାକୁ ସମର୍ଥନ କରୁଥିବା ମୂଲ୍ୟ ନିରନ୍ତର ଯୋଗାଇଦେବା କ୍ଷେତ୍ରରେ ସହାୟକ ହେବ। ନିରାପଦ, ସ୍ୱଚ୍ଛ ଏବଂ ଅଧିକ ସୁଲଭ୍ୟ ଗମନା ଗମନ ନିମନ୍ତେ ଆମର ପ୍ରତିବଦ୍ଧତା ଆଧାରରେ ଆମେ ଦୀର୍ଘସୂତ୍ରୀ ଓ ଦୀର୍ଘସ୍ଥାୟୀ ଅଭିବୃଦ୍ଧି



ଉପରେ ଦୃଷ୍ଟିନିବଦ୍ଧ ରଖିଛୁ ଯାହା ଗମନା ଗମନ ବ୍ୟବସ୍ଥାକୁ ଆଗେଇନେବା ସହିତ ଭବିଷ୍ୟତ ନିମନ୍ତେ କମ୍ପାନୀର ମୂଳଦୁଆକୁ ସୁଦୃଢ କରୁଛି।'ଶ୍ରୀ ଭଜନ ଲାଲ ଶର୍ମା, ସମ୍ମାନନୀୟ ମୁଖ୍ୟମନ୍ତ୍ରୀ, ରାଜସ୍ଥାନ କହିଥିଲେ, 'ରାଜସ୍ଥାନ ବିଶ୍ୱମାନର ବିନିର୍ମାଣର ଏକ ପସନ୍ଦଯୋଗ୍ୟ ସ୍ଥଳ ଭାବରେ ନିଜର ସ୍ଥିତିକୁ ନିରନ୍ତର ସୁଦୃଢ କରୁଛି। ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ଦ୍ୱାରା ତାହାର ତପୁକାରାରେ ଅବସ୍ଥିତ ବିନିର୍ମାଣ କାରଖାନାରେ କ୍ଷମତା ସମ୍ପ୍ରସାରଣ ଏହି ଦିଗରେ ଏକ ପଦକ୍ଷେପ ହୋଇଛି। ଏହି ଅଞ୍ଚଳରେ ଏଚଏମ୍ଏସଆଇର ନିରନ୍ତର ପୁିନିବେଶ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଏହି ଅଞ୍ଚଳର ଯାନବାହନ ପରିବ୍ୟବସ୍ଥାର ଅଭିବୃଦ୍ଧି ଦିଗରେ ଅବଦାନ ରଖିବ। ଆମେ ଏହି ପ୍ରୟାସକୁ ସ୍ୱାଗତ କରିବା ସହିତ ଗମନା ଗମନ, ନବସୃଜନ ଏବଂ ଅର୍ଥନୈତିକ ବିକାଶ ଦିଗରେ ଶିଳ୍ପ ନିରନ୍ତର ଅବଦାନ ରଖିବାର ଅପେକ୍ଷା ରଖୁଛୁ।'ଏଚଏମ୍ଏସଆଇ ସମଗ୍ର ଭାରତରେ ଚାରିଟି ଉତ୍ପାଦନ କାରଖାନା ପରିଚାଳନା କରୁଛି ଏବଂ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୬.୨୫ ନିୟୁତ ୟୁନିଟ୍ ରହିଛି। ୨୦୦୧ରେ ଏହା କାର୍ଯ୍ୟ ଆରମ୍ଭ କରିବା ଦିନଠାରୁ କମ୍ପାନୀ ୭୦ ନିୟୁତ ୟୁନିଟ୍‌ରୁ ଅଧିକ ଉତ୍ପାଦନ କରିସାରିଛି, ଯାହା ଏହାର ପରିମାଣ ଏବଂ ଭାରତର ଗମନା ଗମନ କ୍ଷେତ୍ର ପ୍ରତି ଦୀର୍ଘସୂତ୍ରୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ୨୦୨୫ ମେ' ମାସରେ କରାଯାଇଥିବା ଘୋଷଣା ଅନୁଯାୟୀ ଏଚଏମ୍ଏସଆଇ ଗୁଜରାଟର ଅହମଦାବାଦ ଜିଲ୍ଲା ଅନ୍ତର୍ଗତ ଭିଠଲପୁର କାରଖାନାରେ ଏକ ଚତୁର୍ଥ ଉତ୍ପାଦନ ଲାଇନ୍ ଯୋଗ କରୁଛି। ଏହି ନୂଆ ଲାଇନ୍‌ରୁ ୨୦୨୭ରେ ଉତ୍ପାଦନ ଆରମ୍ଭ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଏହାର କାର୍ଯ୍ୟ ଯୋଜନା ମୁତାବକ ଆଗେଇ ଚାଲିଛି। ଏହାଦ୍ୱାରା ଏଚଏମ୍ଏସଆଇର ଉତ୍ପାଦନ ନେଟୱର୍କ ଅଧିକ ମଜଭୁତ ହେବ। କମ୍ପାନୀର ଦ୍ୱିତୀୟ କାରଖାନାରୁ ୨୦୧୧ ଜୁଲାଇରେ ଉତ୍ପାଦନ ଆରମ୍ଭ ହୋଇଥିଲା ଏବଂ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୦.୬ ନିୟୁତ ୟୁନିଟ୍ ରହିଥିବାବେଳେ ତାହାକୁ ୨୦୧୨ ମାର୍ଚ୍ଚରେ ବାର୍ଷିକ ୧.୨ ନିୟୁତ ୟୁନିଟ୍‌କୁ ବୃଦ୍ଧି କରାଯାଇଥିଲା। ୨୦୨୩ ଠାରୁ ଏଚଏମ୍ଏସଆଇ ମେସିନିଂ ଓ ଉତ୍ପାଦନ ପାରଦର୍ଶିତା ପ୍ରଯୁକ୍ତିଗୁଡିକରେ ଅଟୋମେସନ ପ୍ରଚଳନ କରିଆସୁଛି ଏବଂ ସମ୍ପ୍ରତି ଏହାର ବାର୍ଷିକ କ୍ଷମତା ୧.୩ ନିୟୁତ ୟୁନିଟ ରହିଛି। ଏହି ପାରଦର୍ଶିତାରେ ଉନ୍ନତିକରଣ ଜାରି ରହିବ ଏବଂ ଆର୍ଥିକ ବର୍ଷ ୨୦୨୬ରେ ଉତ୍ପାଦନ କ୍ଷମତା ୧.୩୪ ନିୟୁତ ୟୁନିଟ୍‌ରେ ପହଞ୍ଚାଇବା ଯୋଜନା ରହିଛି। ଏଚଏମ୍ଏସଆଇ ସ୍କୁଟର ଓ ମୋଟରସାଇକଲଗୁଡିକର କମ୍ପ୍ୟୁଟର ମଡେଲଗୁଡିକ ଉତ୍ପାଦନ କରିବାକୁ ସମର୍ଥ ଏକ ଅତ୍ୟୁଚ୍ଚ ନମନୀୟ ତୃତୀୟ ଉତ୍ପାଦନ ଲାଇନ୍ ସ୍ଥାପନ କରିବାକୁ ମୋଟ ପ୍ରାୟ ୧୫ ବିଲିଅନ ଟଙ୍କା ନିବେଶ କରିବ। ଏଥିପାଇଁ ଏଚଏମ୍ଏସଆଇ ତପୁକାରାରେ ୭୩,୭୦୦ ବର୍ଗମିଟର ଜମି କ୍ରୟ କରିବ। ଏହି ତୃତୀୟ ଲାଇନ୍ ତଥା ଅନ୍ୟ କାରଖାନାଗୁଡିକରେ ଅତିରିକ୍ତ ଯୋଜନା ମୁତାବକ ସମ୍ପ୍ରସାରଣ ସହିତ ଏଚଏମ୍ଏସଆଇର ମୋଟ ବାର୍ଷିକ ଉତ୍ପାଦନ କ୍ଷମତା ସାମ୍ପ୍ରତିକ ୬.୨୫ ନିୟୁତ ୟୁନିଟ୍‌ରୁ ଆର୍ଥିକ ବର୍ଷ ୨୦୨୮ ସୁଦ୍ଧା ପ୍ରାୟ ୮ ନିୟୁତ ୟୁନିଟ୍‌କୁ ବୃଦ୍ଧିପାଇବ। ୨୦୫୦ ସୁଦ୍ଧା କାର୍ବନ ନ୍ୟୁଟ୍ରାଲିଟି ହାସଲ ନିମନ୍ତେ ହୋଣ୍ଡାର ବୈଶ୍ୱିକ ଲକ୍ଷ୍ୟ ଅନୁଯାୟୀ ଏଚଏମ୍ଏସଆଇ ଏହାର ସମସ୍ତ କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ସୌର ଶକ୍ତି ଚାଳିତ କାରଖାନା ଠାରୁ ନେଇ ଜଳ ସଂରକ୍ଷଣ ଏବଂ ପୁନଃଚକ୍ରଣ ପ୍ରୟାସଗୁଡିକ ସମେତ ଦୀର୍ଘସ୍ଥାୟୀ କାର୍ଯ୍ୟାଭ୍ୟାସଗୁଡିକୁ ସମନ୍ୱିତ କରୁଛି, ଯାହା ପରିବେଶ କ୍ଷେତ୍ରରେ ଅଗ୍ରଣୀ ଭୂମିକା ସହିତ ସେହି ସମାନ ସମୟରେ ବ୍ୟବସାୟିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି।

